# ଅଧ୍ୟାୟ ୧୮

## ପାଠର ନାମ—ଭାରତର ରାଷ୍ଟ୍ରପତି ଏବଂ ଜରୁରୀକାଳୀନ କ୍ଷମତା

**(ନାଗରିକ ନୀତି ଓ ରାଜନୀତି ବିଜ୍ଞାନ ଆଧାରିତ ଏକ ପ୍ରବନ୍ଧ)**

**ଗଠନକ୍ରମ**


୧୮.୦ ଉଦ୍ଦେଶ୍ୟ

୧୮.୧ ଉପକ୍ରମଣିକା

୧୮.୨ ମୂଳପାଠର ପ୍ରଥମାଂଶ

  ୧୮.୨.୧ ମୂଳପାଠଗତ ପ୍ରଶ୍ନ

  ୧୮.୨.୨ ବ୍ୟାକରଣଗତ ପ୍ରଶ୍ନ

୧୮.୩ ମୂଳପାଠର ଦ୍ୱିତୀୟାଂଶ

  ୧୮.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

  ୧୮.୩.୨ ବ୍ୟାକରଣଗତ ପ୍ରଶ୍ନ

୧୮.୪ ମୂଳପାଠର ତୃତୀୟାଂଶ

  ୧୮.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

  ୧୮.୪.୨ ବ୍ୟାକରଣଗତ ପ୍ରଶ୍ନ

  ୧୮.୪.୩ ସମ୍ପୂର୍ଣ୍ଣ ପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

୧୮.୫ ସାରାଂଶ

୧୮.୬ ଶବ୍ଦାର୍ଥ

୧୮.୭ ପଠନ ଅଭ୍ୟାସ

୧୮.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୮.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୧୮.୦ ଉଦ୍ଦେଶ୍ୟ

ଆମ ଦେଶ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣର ଅର୍ଥ ଜନସାଧାରଣ ଏବଂ ତନ୍ତ୍ରର ଅର୍ଥ ଶାସନ । ସୁତରାଂ ପୃଥିବୀର ଅନ୍ୟାନ୍ୟ ଅନେକ ଦେଶପରି ଆମ ଦେଶରେ ଜନସାଧାରଣଙ୍କ ଦ୍ୱାରା, ଜନସାଧାରଣଙ୍କ ପାଇଁ ଏବଂ ଜନସାଧାରଣଙ୍କର ଶାସନ ପ୍ରଚଳିତ ଅଛି । ସାଧାରଣ ଭାବରେ କହିବାକୁ ଗଲେ ଭାରତରେ ଜନଗଣଙ୍କ ମତାମତ ଅନୁଯାୟୀ ସେମାନଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ଶାସନ କାର୍ଯ୍ୟ ପରିଚାଳିତ ହୁଏ । ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ସମ୍ବିଧାନ ବା ଶାସନ ଖସଡ଼ା ରହିଛି । ସେଥିରେ ସରକାରଙ୍କ ପ୍ରକୃତ କ୍ଷମତା ଓ କାର୍ଯ୍ୟ, ଶାସିତ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ ତଥା ଅଧିକାର ଆଦି ଭିନ୍ନ ଭିନ୍ନ ବିଷୟରେ ଲିପିବଦ୍ଧ ଥାଏ । ଭାରତରେ ଏହିପରି ଏକ ସମ୍ବିଧାନ ୧୯୪୯ ମସିହାରେ ପ୍ରଣୀତ ହେଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ ତାରିଖଠାରୁ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେବାକୁ ଲାଗିଲା । ଦେଶରେ ନାଗରିକମାନଙ୍କ ଜୀବନଯାତ୍ରା ଏବଂ ଶାସନ କାର୍ଯ୍ୟର ସୁପରିଚାଳନା ସଂଶ୍ଳିଷ୍ଟ ସମସ୍ତ ମୂଳ ଆଇନ ସମ୍ବିଧାନର ଅନ୍ତର୍ଭୁକ୍ତ । ସେହି ଶାସନ ଦଲିଲ୍‌କୁ ଆଶ୍ରୟ କରି ଭାରତୀୟ ସଂସଦ ନୂତନ ଆଇନ ପ୍ରଣୟନ କରନ୍ତି ବା ପୁରାତନ ଆଇନର ପରିବର୍ତ୍ତନ ଘଟାନ୍ତି । ଏହି କେନ୍ଦ୍ର ସଂସଦ ଗଠିତ ହୁଏ ଭାରତୀୟ ନାଗରିକମାନଙ୍କ ମଧ୍ୟରୁ ନିର୍ବାଚିତ ପ୍ରତିନିଧି ଦଳ ଦ୍ୱାରା । ରାଜ୍ୟ ସ୍ତରରେ ମଧ୍ୟ ସେହି ପ୍ରକାରର ରୀତି ଅନୁସୃତ ହୁଏ । କେନ୍ଦ୍ରରେ ସଂସଦ ତୁଲ୍ୟ ରାଜ୍ୟରେ ଥାଏ ବିଧାନସଭା ।

ଆମ ଦେଶରେ ପ୍ରଧାନତଃ ରାଷ୍ଟ୍ରପତି ଓ କେନ୍ଦ୍ର ମନ୍ତ୍ରୀ ପରିଷଦ ଦ୍ୱାରା ଶାସନ କାର୍ଯ୍ୟ ପରିଚାଳିତ ହୁଏ । ରାଜ୍ୟମାନଙ୍କରେ ଶାସନ ପରିଚାଳନା ଦାୟିତ୍ୱ ନ୍ୟସ୍ତ ଥାଏ ରାଜ୍ୟପାଳ ଓ ରାଜ୍ୟ ମନ୍ତ୍ରୀମଣ୍ଡଳ ଉପରେ । କେନ୍ଦ୍ର ଶାସନର ସର୍ବୋଚ୍ଚ ଅଧିକାରୀ ରାଷ୍ଟ୍ରପତି । ତାଙ୍କରି ନାମରେ କେନ୍ଦ୍ର ମନ୍ତ୍ରୀ ପରିଷଦ ସାହାଯ୍ୟରେ ଶାସନ କାର୍ଯ୍ୟ ସମ୍ପାଦିତ ହୁଏ । ଆମ ଦେଶର କର୍ଣ୍ଣଧାର ହେଉଛନ୍ତି ରାଷ୍ଟ୍ରପତି ଏବଂ

ଆମ ସମ୍ବିଧାନର ୫୨ ଧାରା ଅନୁଯାୟୀ ସେ କେନ୍ଦ୍ର ଶାସନର ମୁଖ୍ୟକର୍ତ୍ତା । ରାଷ୍ଟ୍ରପତିଙ୍କର ବହୁବିଧ କ୍ଷମତା ରହିଛି । ପ୍ରଶାସନିକ, ବୈଧାନିକ, ଆର୍ଥିକ, ନ୍ୟାୟ ବିଚାରଗତ ଓ ସାମରିକ ସ୍ତରରେ ତାଙ୍କର କ୍ଷମତା ପରିବ୍ୟାପ୍ତ । ଏସବୁ ଭିନ୍ନ ତାଙ୍କର ଅନ୍ୟ ଏକ ପ୍ରଧାନ କ୍ଷମତା ରହିଅଛି । ତାହା ହେଉଛି ଜରୁରିକାଳୀନ କ୍ଷମତା

ଦେଶରେ ସବୁ ସମୟରେ ସାଧାରଣ, ସ୍ୱାଭାବିକ ବା ଶୃଙ୍ଖଳିତ ଅବସ୍ଥା ପ୍ରଚଳିତ ରହିବା ସମ୍ଭବପର ନୁହେଁ । ନାନାଦି କାରଣରୁ ଦେଶରେ ଘଡ଼ିସନ୍ଧି ମୁହୂର୍ତ୍ତ ଉପସ୍ଥିତ ହୁଏ, ବହୁପ୍ରକାରର ଅସୁବିଧା ଦେଖାଦିଏ, ସଙ୍କଟଜନକ ଜରୁରୀ ପରିସ୍ଥିତିର ସୂତ୍ରପାତ ଘଟେ । ଦେଶରେ ଶତ୍ରୁ ଆକ୍ରମଣର ଆଶଙ୍କା ବି ଥାଏ । ଜନସାଧାରଣ ଆଇନ୍‌କୁ ଅମାନ୍ୟ କରି ବିଶୃଙ୍ଖଳା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବିଦ୍ରୋହରେ ଲିପ୍ତ ହେବା ମଧ୍ୟ ବିଚିତ୍ର ନୁହେଁ । କେତେକ ସମୟରେ ଦେଶରେ ଆର୍ଥିକ ସଙ୍କଟ ବି ଉପୁଜିବା ଖୁବ୍ ସମ୍ଭବ । ଏହିପରି କାରଣମାନଙ୍କ ପାଇଁ ଦେଶରେ ବିପଦ ଦେଖାଦେଲେ, ସେସବୁର ମୁକାବିଲା କରିବା ପାଇଁ ଦେଶର ସର୍ବୋଚ୍ଚକର୍ତ୍ତା ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର କ୍ଷମତା ଜାରିକରନ୍ତି । ତାହାହିଁ ହେଉଛି ଜରୁରିକାଳୀନ ପରିସ୍ଥିତି ଘୋଷଣା । ଏତିକିବେଳେ ତାଙ୍କ ହାତରେ ରହୁଥିବା ସ୍ୱତନ୍ତ୍ର କ୍ଷମତା ବଳରେ ସେ ଦେଶର ବିଶୃଙ୍ଖଳାକୁ ସୁଧାରି ଦେଶକୁ ସ୍ୱାଭାବିକ ଓ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ଲାଗି ବିଭିନ୍ନ ପଦକ୍ଷେପ ନିଅନ୍ତି । ଭାରତୀୟ ସମ୍ବିଧାନ ରାଷ୍ଟ୍ରପତିଙ୍କୁ ସେହି ସାର୍ବଭୌମ କ୍ଷମତା ଅର୍ପଣକରି ତତ୍‌ସମ୍ପର୍କୀୟ ସକଳ ବିଧିବିଧାନ ନିର୍ଦ୍ଧାରିତ କରିଅଛି । ଏ ସମ୍ପର୍କରେ ସାଧାରଣଜ୍ଞାନ ପରିବେଷଣ ଲାଗି ପ୍ରବନ୍ଧଟି ଉଦ୍ଦିଷ୍ଟ ।

## ୧୮.୧ ଉପକ୍ରମଣିକା

ଜାତୀୟ ଜୀବନରେ ଅପ୍ରତ୍ୟାଶିତ ଭାବେ ଦେଖା ଯାଉଥିବା ଦୁର୍ଭିକ୍ଷ, ବନ୍ୟା, ଯୁଦ୍ଧ, ମୂଲ୍ୟବୃଦ୍ଧି ଓ ସାମ୍ପ୍ରଦାୟିକ ଗଣ୍ଡଗୋଳ ଆଦି ଦୁର୍ବିପାକର ମୁକାବିଲା ପାଇଁ ତଥା ସେସବୁର ବିହିତ ପ୍ରତିକାର ଓ ଉପଯୁକ୍ତ ସମାଧାନ ଉଦ୍ଦେଶ୍ୟ ନେଇ ରାଷ୍ଟ୍ରପତି ଜରୁରିକାଳୀନ ପରିସ୍ଥିତି **(Emergency)** ଘୋଷଣା କରନ୍ତି । ଭାରତୀୟ ସମ୍ବିଧାନର ୩୫୨, ୩୫୬ ଏବଂ ୩୬୦ ଧାରା ଅନୁସାରେ ରାଷ୍ଟ୍ରପତି ତିନି ପ୍ରକାରର ଜରୁରୀ ପରିସ୍ଥିତି ଘୋଷଣା କରିପାରନ୍ତି । ସେଥିମଧ୍ୟରୁ ପ୍ରଥମଟି ଜାତୀୟ ଜରୁରିକାଳୀନ ପରିସ୍ଥିତି, ଦ୍ୱିତୀୟଟି ରାଜ୍ୟ-ଜରୁରିକାଳୀନ ପରିସ୍ଥିତି ଏବଂ ତୃତୀୟଟି ଆର୍ଥିକ ଜରୁରିକାଳୀନ ପରିସ୍ଥିତି ।

ଭାରତୀୟ ସମ୍ବିଧାନ ଏକ କୌତୂହଳପ୍ରଦ ଶାସନ ଦଲିଲ୍ ଓ ଦେଶର ଶାସନ ପ୍ରଣାଳୀ ଏକ ଚମତ୍କାର ଜ୍ଞାତବ୍ୟ ଉପାଦାନ । ଦେଶର ସକଳ ନାଗରିକଙ୍କ ପାଇଁ ସେସବୁ ଉପାଦେୟ ଅଧ୍ୟୟନ ସାମଗ୍ରୀ । ବିଶେଷତଃ ପରିବେଶର ସମସ୍ତ ବିଷୟରେ ଅଧ୍ୟୟନ ଓ ଅନୁଧ୍ୟାନ କରି ପ୍ରକୃଷ୍ଟ ଜ୍ଞାନ ଆହରଣରେ ଛାତ୍ରସମାଜ ବ୍ରତୀ ହୋଇଥିବାରୁ ନିଜ ଦେଶର ଶାସନ ବିଧାନ ଅବହିତ ହେବା ସର୍ବାଦୌ ଆବଶ୍ୟକ । ସେହି ଉଦ୍ଦେଶ୍ୟକୁ ଲକ୍ଷ୍ୟ ରଖି ଏଠାରେ ବୃହତ୍ ଭାରତୀୟ ସମ୍ବିଧାନ ଓ ବିଶାଳ ଶାସନ ବିଧାନ ମଧ୍ୟରୁ ଯତ୍‌ସାମାନ୍ୟ ଅଂଶର ଅବତାରଣା କରାଯାଇଛି । ବାସ୍ତବରେ ରାଷ୍ଟ୍ରପତିଙ୍କର ଜରୁରି-କାଳୀନ କ୍ଷମତା ଏକ ଉଲ୍ଲେଖଯୋଗ୍ୟ କ୍ଷମତା । ଦେଶର ସଙ୍କଟ କାଳରେ ଜଣେ ମାତ୍ର ଶୀର୍ଷସ୍ଥାନୀୟ ବ୍ୟକ୍ତି କିପରି ଭାବରେ ଏପରି ବିପଦକାଳୀନ ପରିସ୍ଥିତିର ସମ୍ମୁଖୀନ ହୋଇ, ଦୃଢ଼ ଭାବରେ ମୁକାବିଲା କରନ୍ତି, ତାହା ଜାଣିବା ପାଇଁ ଛାତ୍ର ଓ ନାଗରିକମାନଙ୍କ ମନରେ ଆଗ୍ରହ ସୃଷ୍ଟି ହେବା ଖୁବ୍ ସ୍ୱାଭାବିକ । ଛାତ୍ରମାନଙ୍କର ସେହି ଅଭିଳାଷ ଚରିତାର୍ଥ କରିବା ଅଭିପ୍ରାୟରେ ଏଠାରେ ଅଧ୍ୟାପକ ନାରାୟଣ ଚନ୍ଦ୍ର ବେହେରାଙ୍କ ପ୍ରବନ୍ଧର ଅଂଶବିଶେଷକୁ ଉପସ୍ଥାପିତ କରାଯାଇଛି ।

ଶ୍ରୀଯୁକ୍ତ ବେହେରାଙ୍କ ପ୍ରକାଶିତ ମୂଳ ପ୍ରବନ୍ଧ "ଭାରତର ରାଷ୍ଟ୍ରପତି ଏବଂ ଜରୁରିକାଳୀନ ପରି-ସ୍ଥିତି"ର ଏହା ଏକ ନିର୍ବାଚିତ ଅଂଶ । ଏଥିରେ ମୁଖ୍ୟତଃ ରାଷ୍ଟ୍ରପତିଙ୍କ ଜରୁରିକାଳୀନ ପରିସ୍ଥିତି ସମ୍ପର୍କୀୟ କ୍ଷମତା ବିଷୟରେ ବୁଝାଇ ଦିଆଯିବା ସଙ୍ଗେ ସଙ୍ଗେ ପ୍ରଥମ ଏବଂ ପ୍ରଧାନ ଜରୁରିକାଳୀନ ପରିସ୍ଥିତି ଜାତୀୟ ଜରୁରିକାଳୀନ ପରିସ୍ଥିତି ଉପରେ ଆଲୋକପାତ କରାଯାଇଛି । ପ୍ରାବନ୍ଧିକ ଶ୍ରୀଯୁକ୍ତ ବେହେରା ଓଡ଼ିଶାର ବହୁ ପ୍ରତିଷ୍ଠିତ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରିବା ପରେ ସମ୍ପ୍ରତି ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟରୂପେ ଢେଙ୍କାନାଳ ସରକାରୀ ମହାବିଦ୍ୟାଳୟରେ କର୍ତ୍ତବ୍ୟରତ । ସୁଦୀର୍ଘ ଶିକ୍ଷାଦାନଗତ ଅଭିଜ୍ଞତା ସାଙ୍ଗକୁ ଛାତ୍ର ମନୋବୃତ୍ତି ଗଭୀର ଭାବେ ଅନୁଶୀଳନ କରିବାର ବିଚକ୍ଷଣତା ତାଙ୍କୁ ରାଜନୀତି ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଜଟିଳ ବିଷୟକୁ ଯଥାରୀତି ସଂକ୍ଷିପ୍ତ, ସରଳ ଓ ବୋଧଗମ୍ୟ ଶୈଳୀରେ ପରିବେଷଣ କରିବା ଲାଗି ସୁଯୋଗ ଦେଇଛି । ଫଳରେ ତାଙ୍କର ପ୍ରବନ୍ଧଟି ଦେଶ ମନନଧର୍ମୀ ହୋଇପାରିଛି ଏବଂ ପାଠକମାନଙ୍କର ଜିଜ୍ଞାସୁ ମାନସକୁ ଏହା ଅନାୟାସରେ ପରିତୁଷ୍ଟ କରିପାରିବ ବୋଲି ଆଶା ଓ ବିଶ୍ୱାସ ।

# ୧୮.୨ ମୂଳପାଠର ପ୍ରଥମାଂଶ

## ଭାରତର ରାଷ୍ଟ୍ରପତି ଏବଂ ଜରୁରିକାଳୀନ କ୍ଷମତା

ପ୍ରତ୍ୟେକ ଜାତିର ଜୀବନରେ ବେଳେବେଳେ ଅପ୍ରତ୍ୟାଶିତ ଭାବରେ ଦୁର୍ବିପାକ ଦେଖାଯାଇଥାଏ । ଦେଶରେ ଦୁର୍ଭିକ୍ଷ, ବନ୍ୟା, ଯୁଦ୍ଧ, ମୂଲ୍ୟବୃଦ୍ଧି ଏବଂ ସର୍ବୋପରି ସାମ୍ପ୍ରଦାୟିକ ଗଣ୍ଡଗୋଳ ସୃଷ୍ଟି ହୋଇ ଜାତୀୟ ଜୀବନକୁ ବିପର୍ଯ୍ୟସ୍ତ କରିପକାଏ । ଅନୁରୂପ ସମସ୍ୟାବଳୀର ମୁକାବିଲା କରିବା ପାଇଁ ପ୍ରତ୍ୟେକ ଦେଶର ଶାସନକଳ ସଜାଗ ରହିବା ସ୍ୱାଭାବିକ । ସେଥିପାଇଁ ପ୍ରତ୍ୟେକ ଦେଶର ସମ୍ବିଧାନରେ ଆବଶ୍ୟକ ବ୍ୟବସ୍ଥା କରାଯାଇଥାଏ । ଯୁକ୍ତରାଷ୍ଟ୍ରର ସମ୍ବିଧାନରେ ଏପରି ଜରୁରିକାଳୀନ ସମସ୍ୟାର ମୁକାବିଲା କରିବା ପାଇଁ ପ୍ରକାଶ୍ୟ ଭାବରେ ବ୍ୟବସ୍ଥା ନଥିଲେ ବି ରାଷ୍ଟ୍ରପତିମାନେ ଅତି ଦୃଢ଼ ହସ୍ତରେ ଏଭଳି ସମସ୍ୟାର ସମାଧାନ କରିବାର ଦୃଷ୍ଟାନ୍ତ ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ ରାଷ୍ଟ୍ରପତି ଲିଙ୍କନ୍ ଯୁକ୍ତରାଷ୍ଟ୍ରରେ ଗୃହଯୁଦ୍ଧ ଫଳରେ ଯେଉଁ ଆଭ୍ୟନ୍ତରୀଣ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା ତାହାକୁ ସେ ସମ୍ବିଧାନର ପରିସର ମଧ୍ୟରେ ଦମନ କରିଥିଲେ । ସେହିପରି ରାଷ୍ଟ୍ରପତି ଉଇଲସନ୍ ପ୍ରଥମ ବିଶ୍ୱଯୁଦ୍ଧବେଳେ ଏବଂ ରାଷ୍ଟ୍ରପତି ରୁଜ୍‌ଭେଲଟ୍, ଟ୍ରୁମାନ୍ ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ଆମେରିକା କଂଗ୍ରେସର ଅନୁମୋଦନକ୍ରମେ ଜରୁରିକାଳୀନ କ୍ଷମତା ପ୍ରୟୋଗ କରିଥିଲେ ।

ବ୍ରିଟେନ୍‌ର ସମ୍ବିଧାନରେ କାର୍ଯ୍ୟପାଳିକା ସଂସ୍ଥା ଜରୁରିକାଳୀନ କ୍ଷମତା ପ୍ରକାଶ୍ୟ ଭାବରେ ଉପଭୋଗ ନକଲେ ମଧ୍ୟ ରାଜା ବିଲାତ ପାର୍ଲାମେଣ୍ଟର ଅନୁମୋଦନକ୍ରମେ ଯୁଦ୍ଧ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାର ସମ୍ମୁଖୀନ ହୋଇଥାଆନ୍ତି । ଅଷ୍ଟ୍ରେଲିଆ ଏବଂ କାନାଡ଼ାର ସମ୍ବିଧାନରେ ମଧ୍ୟ ତଦନୁରୂପ ବ୍ୟବସ୍ଥା କରାଯାଇଅଛି, ଫଳରେ ସଂଘୀୟ ସରକାର ଏପରି ଜରୁରିକାଳୀନ ପରିସ୍ଥିତି ସମୟରେ ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିପାରିବେ । ଏଠାରେ କହିବା ବାହୁଲ୍ୟଯେ ଆମେରିକାର ସମ୍ବିଧାନରେ ରାଜ୍ୟ ସରକାରମାନେ ନିଜ ନିଜ ପରିସର ମଧ୍ୟରେ ସ୍ୱାଧୀନତା ଉପଭୋଗ କଲେ ମଧ୍ୟ କେନ୍ଦ୍ର ସରକାର ରାଜ୍ୟ ସରକାରଗୁଡ଼ିକୁ ବୈଦେଶିକ ଆକ୍ରମଣରୁ ରକ୍ଷା କରିଥାନ୍ତି । ଜର୍ମାନୀର ସମ୍ବିଧାନରେ ବି ବ୍ୟବସ୍ଥା ରହିଛି ଯେ କେନ୍ଦ୍ର ସରକାର ସମ୍ବିଧାନର ସୁରକ୍ଷା ପାଇଁ ରାଜ୍ୟକୁ ସୈନ୍ୟ ପ୍ରେରଣ କରିପାରିବ ଓ ରାଷ୍ଟ୍ରପତି ମୌଳିକ ଅଧିକାରଗୁଡ଼ିକୁ ସ୍ଥଗିତ ରଖିପାରିବେ । ଆୟାରଲାଣ୍ଡର ସାମ୍ବିଧାନିକ ପରମ୍ପରାକ୍ରମେ ସଂସଦ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ଉଦ୍ଦେଶ୍ୟରେ ସମ୍ବିଧାନକୁ ସ୍ଥଗିତ ରଖିପାରିବ । ୧୯୩୫ ମସିହାର ଭାରତ ଶାସନ ଆଇନରେ ଭାରତ ସରକାରଙ୍କର ଜରୁରିକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ସୁତରାଂ ୧୯୩୫ ମସିହା ଭାରତ ଶାସନ ଆଇନରୁ ବର୍ତ୍ତମାନର ଜରୁରିକାଳୀନ ବ୍ୟବସ୍ଥାଗୁଡ଼ିକର ଅନୁକରଣ କରାଯାଇଛି ବୋଲି କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ । ସେହିକ୍ରମରେ ଭାରତୀୟ ସମ୍ବିଧାନର ଜରୁରିକାଳୀନ ଧାରା ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରର ସମ୍ବିଧାନରେ ବିରଳ ବୋଲି ଏଚ୍. ଭି. କାମାଥ୍‌ଙ୍କ ଯୁକ୍ତି ବାସ୍ତବରେ ଅତିରଞ୍ଜିତ ମାତ୍ର ।

ସମ୍ଭବତଃ ଭାରତ ସମ୍ବିଧାନର ପ୍ରଣେତାଗଣ ଜର୍ମାନୀର ଓ୍ୱେମାର୍ ସମ୍ବିଧାନକୁ ଅନୁସରଣକରି ଜରୁରିକାଳୀନ ବ୍ୟବସ୍ଥା ଲିପିବଦ୍ଧ କରିଛନ୍ତି । ଭାରତୀୟ ସମ୍ବିଧାନର ୩୫୨, ୩୫୬ ଏବଂ ୩୬୦ ଧାରାରେ ତିନି ପ୍ରକାରର ଜରୁରିକାଳୀନ ପରିସ୍ଥିତି ବିଷୟରେ ବର୍ଣ୍ଣନା କରାଯାଇଛି ।

### ୧୮.୨.୧ ମୂଳପାଠଗତ ପ୍ରଶ୍ନାବଳୀ

ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର ଦିଅନ୍ତୁ—

୧. କିଏ ଆମ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରନ୍ତି ?

୨. ରାଷ୍ଟ୍ରପତି ସାଧାରଣତଃ କେଉଁ ସମୟରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରନ୍ତି ?

୩. ଆମ ଦେଶର କେଉଁ ଆଇନଗ୍ରନ୍ଥରେ ଜରୁରିକାଳୀନ ପରିସ୍ଥିତିର ଘୋଷଣା ସମ୍ପର୍କୀୟ ନୀତିନିୟମମାନ ଲିପିବଦ୍ଧ ରହିଛି ?

୪. କେଉଁ ଦେଶର ସମ୍ବିଧାନରେ ଜରୁରି ପରିସ୍ଥିତି ମୁକାବିଲା କରିବା ପାଇଁ ପ୍ରତ୍ୟକ୍ଷ ନିୟମାବଳୀର ଉଲ୍ଲେଖ ନାହିଁ ?

୫. ଯୁକ୍ତରାଷ୍ଟ୍ର ଆମେରିକାରେ ଜରୁରି ପରିସ୍ଥିତି ଉପୁଜିଲେ କି ବ୍ୟବସ୍ଥା କରାଯାଏ ?

୬. ସୁଦୂର ଅତୀତକାଳରେ ଯୁକ୍ତରାଷ୍ଟ୍ର ଆମେରିକାର ଗୃହଯୁଦ୍ଧକୁ ଦମନ କରିବା ପାଇଁ କେଉଁ ରାଷ୍ଟ୍ରପତି ଦୃଢ଼ପଦକ୍ଷେପ ନେଇଥିଲେ ?

୭. ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଆମେରିକାର କେଉଁ ରାଷ୍ଟ୍ରପତି ଜରୁରିକାଳୀନ କ୍ଷମତା ପ୍ରୟୋଗ କରିଥିଲେ ?

୮. ରାଷ୍ଟ୍ରପତି ଉଇଲସନ୍ କାହାର ଅନୁମୋଦନକ୍ରମେ ତତ୍କାଳୀନ ଅବସ୍ଥାରେ ଆମେରିକାରେ ଜରୁରିକାଳୀନ କ୍ଷମତା ପ୍ରୟୋଗ କରିଥିଲେ ?

୯. ଆମେରିକାର ରାଜ୍ୟ ସରକାରଗୁଡ଼ିକୁ ବୈଦେଶିକ ଆକ୍ରମଣରୁ ରକ୍ଷାକରିବାର ଦାୟିତ୍ୱ କାହାର ?

## ୧୮.୭.୨ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ନିମ୍ନ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ—

ପ୍ରତ୍ୟେକ, ଦୁର୍ବିପାକ, ସର୍ବୋପରି, ଦୁର୍ଭିକ୍ଷ, ସମସ୍ୟାବଳୀ, ଅତ୍ୟୁକ୍ତି, ଅନ୍ୟାନ୍ୟ ।

୨. ଅନେକ ସମୟରେ ଶବ୍ଦଗୁଡ଼ିକରେ ପ୍ରତ୍ୟୟ ଯୋଗ କରାଯାଇ ନୂତନ ପଦମାନ ଗଠିତ ହୁଏ । ଓଡ଼ିଆ ବ୍ୟାକରଣରେ ସେହି ପଦ୍ଧତିକୁ 'ତଦ୍ଧିତ-ପ୍ରତ୍ୟୟ' କହନ୍ତି । 'ଇକ୍' ପ୍ରତ୍ୟୟ ତନ୍ମଧ୍ୟରୁ ଅନ୍ୟତମ । 'ଇକ୍' ପ୍ରତ୍ୟୟ ଯୋଗହେଲେ ପ୍ରତ୍ୟୟଯୁକ୍ତ ପଦରେ ଦୀର୍ଘ 'ଈ' କାର (ୀ) ପରିବର୍ତ୍ତେ ହ୍ରସ୍ୱ 'ଇ' କାର (ି) ହୁଏ । ଉଦାହରଣ ଦେଖନ୍ତୁ—

ଶରୀର+ଇକ=ଶାରୀରିକ

ବିଧାନ+ଇକ=ବୈଧାନିକ

ନୀତି+ଇକ=ନୈତିକ

ଦିନ+ଇକ=ଦୈନିକ

ବର୍ତ୍ତମାନ ଆପଣଙ୍କ ପାଠରେ ବ୍ୟବହୃତ ନିମ୍ନଲିଖିତ ଶବ୍ଦାବଳୀରୁ ମୂଳଶବ୍ଦ ସଙ୍ଗେ 'ଇକ' ପ୍ରତ୍ୟୟକୁ ଅଲଗା କରି ଚିହ୍ନାଇ ଦିଅନ୍ତୁ—

ସାମ୍ପ୍ରଦାୟିକ, ସ୍ୱାଭାବିକ, ବୈଦେଶିକ, ମୌଳିକ ଓ ସାମ୍ବିଧାନିକ ।

୩. ଆପଣମାନଙ୍କ ପାଠରେ 'ସମସ୍ୟାବଳୀ' ଶବ୍ଦର ବ୍ୟବହାରକୁ ଲକ୍ଷ୍ୟ କରନ୍ତୁ । ବହୁ ବା ଅଧିକ ଅର୍ଥରେ ସମସ୍ୟା ଶବ୍ଦ ସହିତ ବହୁବଚନର ଚିହ୍ନ 'ଆବଳୀ' ଯୋଗକରାଯାଇଛି ଏବଂ ସମସ୍ୟା ଓ ଆବଳୀ ଦୁଇଟିଯାକ ଶବ୍ଦର ସନ୍ଧି ହେବାପରେ ସମସ୍ୟାବଳୀ ଶବ୍ଦ ନିଷ୍ପନ୍ନ ହୋଇଅଛି ।

ସମସ୍ୟା+ଆବଳୀ=ସମସ୍ୟାବଳୀ

ସେହିପରି ନଦୀ+ସବୁ=ନଦୀସବୁ

ଆମ୍ବ+ଗୁଡ଼ିକ=ଆମ୍ବଗୁଡ଼ିକ

ଆପଣମାନେ ପଠିତାଂଶରୁ ସେହିପରି ବହୁବଚନ ଚିହ୍ନ ଯୋଡ଼ାଯାଇଥିବା ଶବ୍ଦଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ ।

୪. (କ) ନିମ୍ନରେ ପ୍ରଦତ୍ତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦମାନ ଉଲ୍ଲେଖ କରନ୍ତୁ—

ଯୁଦ୍ଧ, ବୃଦ୍ଧି, ଜାତୀୟ, ସ୍ୱାଭାବିକ; ପ୍ରକାଶ୍ୟ, ଆଭ୍ୟନ୍ତରୀଣ, ଜରୁରୀ, ବିରଳ ।

(ଖ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକରେ ବନାନ୍ ଭୁଲ ରହିଛି । ଆବଶ୍ୟକସ୍ଥଳେ ସଂଶୋଧନ କରି ଠିକ୍ ଶବ୍ଦ ଲେଖନ୍ତୁ—

ଜିବନ, ଦୁବିର୍ପାକ, ବିର୍ପଯ୍ୟସ୍ତ, ସ୍ୱଭାବିକ, ଅଭ୍ୟନ୍ତରୀଣ, ସଂବିଧାନ, ବୈଦେଶୀକ, ପରିଶର, କଙ୍ଗ୍ରେସ୍ ଓ ଅନୁଶରଣ ।

୫. ଏକପଦରେ ପ୍ରକାଶ କରି ଲେଖନ୍ତୁ—

ଯାହା ପ୍ରତ୍ୟାଶା କରାଯାଇନଥାଏ, ସମ୍ବିଧାନ ସମ୍ପର୍କୀୟ, ଯାହା ସ୍ୱଭାବ ସମ୍ମତ, ପ୍ରଣୟନ କରେ ଯେ, ଭିକ୍ଷା ମିଳେ ନାହିଁ ଯେତେବେଳେ, ଲିପି ସାହାଯ୍ୟରେ ଉଲ୍ଲେଖ କରାଯାଇ-ଥିବା, ମୂଳ ସମ୍ବନ୍ଧୀୟ, ଅଧିକ ଉକ୍ତି ।

## ୧୮.୩ ମୂଳପାଠର ଦ୍ୱିତୀୟାଂଶ

### ଜାତୀୟ ଜରୁରିକାଳୀନ ପରିସ୍ଥିତି

ସମ୍ବିଧାନର ୩୫୨ ଧାରା ଅନୁସାରେ ଯଦି ରାଷ୍ଟ୍ରପତି ଅନୁଭବ କରନ୍ତି ଯେ ଯୁଦ୍ଧ, ବହିରାକ୍ରମଣ କିମ୍ବା ଆଭ୍ୟନ୍ତରୀଣ ଅଶାନ୍ତି ବିଶୃଙ୍ଖଳାଜନିତ ପରିସ୍ଥିତି ଯୋଗୁଁ ସମଗ୍ର ଭାରତବର୍ଷ କିମ୍ବା ଏହାର କୌଣସି ଅଂଶର ନିରାପତ୍ତା ବିପନ୍ନ ହୋଇଛି, ତେବେ ସେ ଦେଶରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିପାରିବେ । ଏ ସମ୍ପର୍କରେ ଆହୁରି କୁହାଯାଇପାରେ ଯେ ଦେଶରେ ପ୍ରକୃତରେ ଜରୁରିକାଳୀନ ପରିସ୍ଥିତି ନ ଉପୁଜିଥିଲେ ମଧ୍ୟ, ରାଷ୍ଟ୍ରପତି ଯଦି ଅନୁଭବ କରନ୍ତି ତେବେ ସେ କେନ୍ଦ୍ର ସଂସଦର ଅନୁମୋଦନ ଲାଭ କରିବା ପୂର୍ବରୁ ଏହି ପ୍ରକାର ଜରୁରି ପରିସ୍ଥିତି ଘୋଷଣା କରିପାରିବେ । ସାଧାରଣତଃ ଥରେ ଜରୁରି-କାଳୀନ ପରିସ୍ଥିତି ଘୋଷଣା କଲେ ତାହା ଦୁଇମାସ ପର୍ଯ୍ୟନ୍ତ ବଳବତ୍ତର ରହେ । ଅବଶ୍ୟ ଯଦି ରାଷ୍ଟ୍ରପତି ଚାହାନ୍ତି ତେବେ ସେ ଦୁଇମାସ ପୂର୍ବରୁ ଜରୁରୀ ପରିସ୍ଥିତିକୁ ଉଠାଇ ଦେଇ ପାରିବେ ବା ତାହାର କାର୍ଯ୍ୟକାଳ ମଧ୍ୟ ବୃଦ୍ଧି କରିପାରିବେ । ଏପରିସ୍ଥଳେ ସଂସଦର ଉଭୟ ଗୃହର ଅନୁମୋଦନ ଆବଶ୍ୟକ । ଯଦି ଥରେ ତାହା ସଂସଦ ଦ୍ୱାରା ଅନୁମୋଦନ ଲାଭକଲା, ତେବେ ତାହା ଅନିର୍ଦ୍ଦିଷ୍ଟ କାଳପାଇଁ ବଳବତ୍ତର ରହିପାରିବ । କେବଳ ରାଷ୍ଟ୍ରପତି ତାହାକୁ ନିଜ ଇଚ୍ଛାନୁସାରେ ଉଠାଇ ଦେଇ ପାରିବେ । ପୁନଶ୍ଚ ଯଦି କୌଣସି କାରଣରୁ ଲୋକସଭାର ବୈଠକ ବସିନଥାଏ, ତେବେ ତାହାକୁ ରାଜ୍ୟସଭା ଅନୁମୋଦନ କରି-ପାରେ, ମାତ୍ର ନୂତନ ଲୋକସଭାର ବୈଠକ ବସିବାର ତିରିଶ ଦିନ ପରେ ସେହି ଘୋଷଣା ସମ୍ପୂର୍ଣ୍ଣ ଅକାମି ହୋଇଯାଏ । ଭାରତ ଇତିହାସରେ ପ୍ରଥମଥର ପାଇଁ ରାଷ୍ଟ୍ରପତି ୧୯୬୨ ମସିହା ଅକ୍ଟୋବର ୨୬ ତାରିଖରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଚୀନ ଦେଶ ଭାରତ ଉପରେ ଆକ୍ରମଣ କରିବା ଫଳରେ ଏବଂ ଭାରତର ନିରାପତ୍ତା ବ୍ୟାହତ ହେବା କାରଣରୁ । ତାହା ଦୀର୍ଘ ୬ ବର୍ଷ ବଳବତ୍ତର ରହିଲା ପରେ ୧୯୬୯ ମସିହା ଜାନୁଆରୀ ମାସରେ ପ୍ରତ୍ୟାହୃତ ହୋଇଥିଲା । ପୁନଶ୍ଚ ଦ୍ୱିତୀୟ-ଥର ପାଇଁ ୧୯୭୧ ମସିହା ଡିସେମ୍ବର ମାସରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇ-ଥିଲା । ବଙ୍ଗଳାଦେଶରେ ସେତେବେଳେ ସ୍ୱାଧୀନତା ସଂଗ୍ରାମ ଚାଲିଥିବା ଅବସ୍ଥାରେ ପାକିସ୍ଥାନ ଭାରତ ଉପରେ ଆକ୍ରମଣ କଲା । ଫଳରେ ଜାତୀୟ ଜରୁରି ପରିସ୍ଥିତି ଘୋଷଣା କରିବା ପାଇଁ ସମ୍ବିଧାନର ୩୫୨ ଧାରାକୁ ରାଷ୍ଟ୍ରପତି ପୁନର୍ବାର ଜାରିକଲେ । ସେହିପରି ୧୯୭୫ ମସିହା ଜୁନ୍ ୨୬ ତାରିଖରେ ରାଷ୍ଟ୍ରପତି ଆଭ୍ୟନ୍ତରୀଣ ଗଣ୍ଡଗୋଳର କାରଣ ଦର୍ଶାଇ ଏବଂ ତଦ୍ଦ୍ୱାରା ଜାତୀୟ ନିରାପତ୍ତା ବ୍ୟାହତ ହେବାର ଆଶଙ୍କା ପ୍ରକାଶ କରି ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ ।

### ୧୮.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୧. ଗୋଟିଏ ବା ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅନ୍ତୁ—

(କ) ସମ୍ବିଧାନର କେଉଁ ଧାରା ଅନୁସରଣରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୁଏ ?

(ଖ) ଆମ ଦେଶରେ କାହା ହାତରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିବାର କ୍ଷମତା ରହିଛି ?

(ଗ) ଗୋଟିଏ ଥର ଜରୁରିକାଳୀନ ପରିସ୍ଥିତି ଘୋଷିତ ହେଲେ ତାହା କେତେ ସମୟ ପର୍ଯ୍ୟନ୍ତ ସାଧାରଣତଃ ବଳବତ୍ତର ରହେ ?

(ଘ) ଏପରି ସମୟସୀମାକୁ ବୃଦ୍ଧି ବା ହ୍ରାସ କରାଯାଇପାରେ କି ?

(ଙ) ସମୟସୀମା ବୃଦ୍ଧି ବା ହ୍ରାସ କରିବା କ୍ଷମତା କିଏ ପ୍ରୟୋଗ କରିପାରନ୍ତି ଏବଂ ସେଥିପାଇଁ କାହାର ଅନୁମୋଦନ ତାଙ୍କୁ ଲୋଡ଼ିବାକୁ ପଡ଼େ ?

(ଚ) ଆମ ଦେଶରେ କେଉଁ ସମୟରେ ପ୍ରଥମଥର ପାଇଁ ଜାତୀୟ ଜରୁରିକାଳୀନ ପରି-ସ୍ଥିତି ଜାରି ହୋଇଥିଲା ?

(ଛ) ୧୯୭୫ ମସିହା ଜୁନ୍ ମାସରେ ଭାରତରେ କି ପ୍ରକାର ଜରୁରିକାଳୀନ ପରିସ୍ଥିତି ଜାରି କରାଯାଇଥିଲା ଓ କାହିଁକି କରାଯାଇଥିଲା ?

(ଜ) ଭାରତ ଇତିହାସରେ ଦ୍ୱିତୀୟଥର ପାଇଁ ଜାତୀୟ ଜରୁରିକାଳୀନ ପରିସ୍ଥିତି କେତେବେଳେ ଓ କାହିଁକି ଘୋଷିତ ହୋଇଥିଲା ?

୨. ପଠିତ ମୂଳପାଠକୁ ଅନୁସରଣ କରି ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକର ଶୂନ୍ୟସ୍ଥାନ ପୂରଣ କରନ୍ତୁ—

(କ) ୧୯୬୨ ମସିହା — ମାସ — ତାରିଖରେ ପ୍ରଥମ ଭାରତୀୟ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ।

(ଖ) ଏହି ଘୋଷଣା ଦୀର୍ଘ — ବର୍ଷ ବଳବତ୍ତର ରହିବା ପରେ — ମସିହା — ମାସରେ ପ୍ରତ୍ୟାହୃତ ହୋଇଥିଲା ।

(ଗ) — ଭାରତ ଆକ୍ରମଣ କରିବା କାରଣରୁ ରାଷ୍ଟ୍ରପତି ଦ୍ୱିତୀୟଥର ପାଇଁ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ ।

(ଘ) ଦେଶରେ — ବିପନ୍ନ ହେଲେ ଜରୁରି ପରିସ୍ଥିତି ଘୋଷଣାର ଅବକାଶ ସୃଷ୍ଟି ହୁଏ ।

(ଙ) ଆବଶ୍ୟକ ମନେକଲେ — ର ଅନୁମୋଦନ ଲାଭ କରିବା ପୂର୍ବରୁ ରାଷ୍ଟ୍ରପତି ଜରୁରିକାଳୀନ ପରିସ୍ଥିତି ଘୋଷଣା କରିପାରନ୍ତି ।

(ଚ) ଭାରତୀୟ ସମ୍ବିଧାନରେ — ପ୍ରକାରର ଜରୁରିକାଳୀନ ପରିସ୍ଥିତି ଘୋଷଣା ସମ୍ପର୍କରେ ଉଲ୍ଲେଖ ଅଛି ।

(ଛ) ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣାକୁ ଭାରତୀୟ ସମ୍ବିଧାନର — ଧାରା ସମର୍ଥନ କରେ ।

୩. ନିମ୍ନସ୍ଥ ବାକ୍ୟଗୁଡ଼ିକୁ ସଂଶୋଧନ କରି ଠିକ୍‌ଠିକ୍ ବାକ୍ୟମାନ ଲେଖନ୍ତୁ—

(କ) ପ୍ରଧାନମନ୍ତ୍ରୀ ଆବଶ୍ୟକ ହେଲେ ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିପାରନ୍ତି ।

(ଖ) ଭାରତର କେନ୍ଦ୍ର ସଂସଦ ପ୍ରଥମେ ଅନୁମୋଦନ ନକଲେ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇପାରେ ନାହିଁ ।

(ଗ) ସମ୍ବିଧାନର ୩୬୦ ଧାରାରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା ସମ୍ପର୍କରେ ଉଲ୍ଲେଖ ରହିଛି ।

(ଘ) ବିଦେଶୀ ଆକ୍ରମଣର କାରଣ ଦର୍ଶାଇ ୧୯୭୫ ମସିହା ଜୁନ୍ ମାସରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା ।

(ଙ) ଆମ ଦେଶର ସମ୍ବିଧାନ ସର୍ବମୋଟ ୫ ପ୍ରକାରର ଜରୁରିକାଳୀନ ପରିସ୍ଥିତି ସମ୍ପର୍କରେ ବ୍ୟବସ୍ଥା ବାନ୍ଧିଅଛି ।

(ଚ) ସଂସଦର ଅନୁମୋଦନ ଲାଭକଲା ପରେ ଜରୁରିକାଳୀନ ପରିସ୍ଥିତି ୩ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହେ ।

(ଛ) ଜରୁରିକାଳୀନ ପରିସ୍ଥିତି ଘୋଷଣା ପାଇଁ କେନ୍ଦ୍ର ମନ୍ତ୍ରୀମଣ୍ଡଳର ପରାମର୍ଶ ଆବଶ୍ୟକ ହୁଏ ।

### ୧୮.୩.୨ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡିକରେ ବ୍ୟବହୃତ ଉପସର୍ଗମାନ ଚିହ୍ନାଇ ଦିଅନ୍ତୁ—

ସମ୍ବିଧାନ, ବିଶୃଙ୍ଖଳା, ପରିସ୍ଥିତି, ସମ୍ପୂର୍ଣ୍ଣ, ଆଶଙ୍କା ।

୨. ନିମ୍ନଲିଖିତ ଶବ୍ଦଗୁଡିକର ସନ୍ଧିବିଚ୍ଛେଦ କରନ୍ତୁ—

ବହିରାକ୍ରମଣ, ଇଚ୍ଛାନୁସାରେ, ପ୍ରତ୍ୟାହୃତ, ପୁନଶ୍ଚ, ପୁନର୍ବାର, ଉଦ୍ଧାର, ଜାତୀୟ ।

୩. ବ୍ୟାସବାକ୍ୟସହ ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକର ସମାସ ଲେଖନ୍ତୁ—

ଲୋକସଭା, ଅନିର୍ଦ୍ଦିଷ୍ଟ, ସ୍ୱାଧୀନତା ସଂଗ୍ରାମ, ଜରୁରୀପରିସ୍ଥିତି, ଅଶାନ୍ତି, ରାଷ୍ଟ୍ରପତି ।

୪. ନିମ୍ନରେ କେତେଗୋଟି ବିଶେଷ୍ୟପଦ ଦିଆଯାଇଛି । ପ୍ରତ୍ୟେକଟିର ବିଶେଷଣପଦ ଲେଖନ୍ତୁ—

ନିରାପତ୍ତା, ସମ୍ବିଧାନ, ସଂସଦ, ସ୍ୱାଧୀନତା, ଅଂଶ ।

୫. ବାଚ୍ୟ ପରିବର୍ତ୍ତନ କରନ୍ତୁ—

(କ) ସେ ଦେଶରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିପାରିବେ ।

(ଖ) ରାଜ୍ୟସଭା ଅନୁମୋଦନ କରିପାରେ ।

(ଗ) ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା ।

## ୧୮.୪ ମୂଳପାଠର ତୃତୀୟାଂଶ



### ସମ୍ବିଧାନ ଉପରେ ଏହାର ପ୍ରଭାବ

୧. ଯେତେବେଳେ ରାଷ୍ଟ୍ରପତି ସମ୍ବିଧାନର ୩୫୨ ଧାରା ଅନୁସାରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରନ୍ତି, ସେତେବେଳେ ସଂଘୀୟ ରାଷ୍ଟ୍ରଭାରତ ଏକକ ରାଷ୍ଟ୍ରଭଳି କାର୍ଯ୍ୟ କରିଥାଏ । କାରଣ ଏ ପ୍ରକାରର ଘୋଷଣା ଫଳରେ ରାଜ୍ୟ ସରକାରଗୁଡ଼ିକର ଆଞ୍ଚଳିକ ସ୍ୱାଧୀନତା ଉପରେ ଆଞ୍ଚ ଆସିଥାଏ । ଭାରତୀୟ ସଂସଦ ପ୍ରାଦେଶିକ ତାଲିକାଭୁକ୍ତ ବିଷୟ ଉପରେ ଆଇନ୍ ପ୍ରଣୟନ କରନ୍ତି ।

୨. କେନ୍ଦ୍ର ସରକାର ଏହି ଜରୁରିକାଳୀନ ପରିସ୍ଥିତି ଜାରି ସମୟରେ କାର୍ଯ୍ୟପାଳିକା ସଂସ୍ଥା କିପରି ଭାବରେ ଶାସନ କାର୍ଯ୍ୟ ପରିଚାଳନା କରିବେ, ସେ ବିଷୟରେ ନିର୍ଦ୍ଦେଶ ଦିଅନ୍ତି ।

୩. ଏପରି ପରିସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅର୍ଥ ବିତରଣ ବ୍ୟବସ୍ଥାକୁ ରାଷ୍ଟ୍ରପତି ପୁନଃନିର୍ଦ୍ଧାରଣ କରିପାରନ୍ତି ।

୪. ଯେତେବେଳେ ସମ୍ବିଧାନର ୧୯ ଧାରାରେ ବର୍ଣ୍ଣିତ ସ୍ୱାଧୀନତା ସମ୍ପୃକ୍ତ ମୌଳିକ ଅଧିକାର ଏବଂ ୩୨ ଧାରାରେ ଲିପିବଦ୍ଧ ସାମ୍ବିଧାନିକ ପ୍ରତିକାର ଅଧିକାରଗୁଡ଼ିକ ରାଷ୍ଟ୍ରପତିଙ୍କ ଆଦେଶକ୍ରମେ ସ୍ଥଗିତ ରହେ । ମୋଟ ଉପରେ କହିବାକୁ ଗଲେ ଭାରତୀୟ ସମ୍ବିଧାନର ରୂପରେଖ ଜରୁରିକାଳୀନ ପରିସ୍ଥିତିରେ ପୂରାପୂରି ବଦଳିଯାଏ ।

ଏହିପରି ରାଜ୍ୟ-ଜରୁରିକାଳୀନ ପରିସ୍ଥିତି ଏବଂ ଅର୍ଥନୈତିକ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିବାର ଅଧିକାର ମଧ୍ୟ ଭାରତର ରାଷ୍ଟ୍ରପତିଙ୍କ କ୍ଷମତାର ପରିସର-ଭୁକ୍ତ । ୧୯୫୯ ମସିହାରେ କେରଳରେ ଏବଂ ୧୯୬୮ ମସିହାରେ ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରେ ରାଜ୍ୟ-ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା, କିନ୍ତୁ ଆମର ସମ୍ବିଧାନ କାର୍ଯ୍ୟକାରୀ ହେବାଦିନଠାରୁ ଏ ପର୍ଯ୍ୟନ୍ତ ଦେଶରେ ଅର୍ଥନୈତିକ ସଙ୍କଟ ଜନିତ ଜରୁରୀ ପରିସ୍ଥିତି ଜାରିର ଅବକାଶ ସୃଷ୍ଟି ହୋଇନାହିଁ । ରାଷ୍ଟ୍ରପତିଙ୍କର ଅନ୍ୟାନ୍ୟ କ୍ଷମତା ମଧ୍ୟରେ ଜରୁରିକାଳୀନ କ୍ଷମତା ଏକ ଗୁରୁତ୍ୱପୂର୍ଣ୍ଣ ଓ ସତର୍କତାମୂଳକ ସାର୍ବଭୌମ କ୍ଷମତା । ଭାରତୀୟ ସମ୍ବିଧାନ ଦେଶ ଓ ଜାତିର ଆଭ୍ୟନ୍ତରୀଣ ପ୍ରତିରକ୍ଷା ତଥା ସମୃଦ୍ଧ କଲ୍ୟାଣ କାମନାରେ ଦେଶର କର୍ଣ୍ଣଧାର ରାଷ୍ଟ୍ରପତିଙ୍କ ହାତରେ ପ୍ରଭୂତ କ୍ଷମତା ସହିତ ଜରୁରିକାଳୀନ କ୍ଷମତା ପରି ଏକ ବିଶେଷ କ୍ଷମତା ପ୍ରତ୍ୟର୍ପଣ କରିଅଛି ।

### ୧୮.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନାବଳୀ

୧. ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଦାନ କରନ୍ତୁ—

(କ) ଜରୁରିକାଳୀନ ପରିସ୍ଥିତି ଘୋଷିତ ହେଲେ ରାଜ୍ୟ ସରକାରସମୂହ କି ପ୍ରକାର ଅବସ୍ଥାର ସମ୍ମୁଖୀନ ହୁଅନ୍ତି ?

(ଖ) ଜରୁରିକାଳୀନ ପରିସ୍ଥିତି ଘୋଷଣା ଫଳରେ ଭାରତୀୟ ସମ୍ବିଧାନର କେଉଁ ମୁଖ୍ୟ ଧାରା ବାତିଲ୍ ହୋଇଯାଏ ?

(ଗ) ଏପରି ପରିସ୍ଥିତିରେ ନାଗରିକମାନଙ୍କ ସ୍ୱାଧୀନତାରେ କେଉଁ ପ୍ରକାର ପରିବର୍ତ୍ତନ ଘଟେ ?

(ଘ) ୧୯୫୯ ଓ ୧୯୬୮ ମସିହାରେ କି ପ୍ରକାର ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ?

(ଙ) କେତେବେଳେ ଆମ ଦେଶରେ ଅର୍ଥନୈତିକ ସଙ୍କଟ ଜନିତ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ?

(ଚ) ଜରୁରିକାଳୀନ ପରିସ୍ଥିତିରେ ପ୍ରାଦେଶିକ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନର ଦାୟିତ୍ୱ କାହା ଉପରେ ନ୍ୟସ୍ତ ରହେ ?

(ଛ) କେରଳ, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରେ କେଉଁ ସମୟରେ ରାଜ୍ୟ-ଜରୁରିକାଳୀନ ବା ପ୍ରାଦେଶିକ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ?

(ଜ) ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିବାବେଳେ କାର୍ଯ୍ୟପାଳିକା ସଂସ୍ଥାରୁ ଶାସନ ପରିଚାଳନା ସମ୍ପର୍କୀୟ ନିର୍ଦ୍ଦେଶ ଦେବା ଦାୟିତ୍ୱ କାହାର ?

୨. ମୂଳପାଠରେ ବ୍ୟବହୃତ ଉପଯୁକ୍ତ ଶବ୍ଦ ବାଛି ନିମ୍ନ ବାକ୍ୟଗୁଡ଼ିକର ଶୂନ୍ୟସ୍ଥାନ ପୂରଣ କରନ୍ତୁ—

(କ) — ସମ୍ବିଧାନର ୩୫୨ ଧାରା ଅନୁସରଣରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରନ୍ତି ।

(ଖ) ଜରୁରିକାଳୀନ ପରିସ୍ଥିତି ଘୋଷିତ ହେଲେ — ସରକାରଗୁଡ଼ିକର ଆଞ୍ଚଳିକ ସ୍ୱାଧୀନତା ଉପରେ ଆଞ୍ଚ୍ ଆସିଥାଏ ।

(ଗ) ଭାରତୀୟ ସମ୍ବିଧାନ — ପ୍ରତିରକ୍ଷା ନିମିତ୍ତ ରାଷ୍ଟ୍ରପତିଙ୍କ ହାତରେ ପ୍ରଚୁର କ୍ଷମତା ଅର୍ପଣ କରିଅଛି ।

(ଘ) କେରଳରେ — ମସିହାରେ — ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ।

(ଙ) ଦେଶରେ ଅର୍ଥନୈତିକ ସଙ୍କଟ ଉପୁଜିଲେ — ଜରୁରିକାଳୀନ ପରିସ୍ଥିତି ଘୋଷଣା କରିପାରନ୍ତି ଏବଂ ଏହାକୁ — ଜରୁରିକାଳୀନ ପରିସ୍ଥିତି ବୋଲି କୁହାଯାଏ ।

(ଚ) ଜରୁରିକାଳୀନ ପରିସ୍ଥିତି ଘୋଷିତ ହେଲେ ଭାରତୀୟ ସଂସଦ — ତାଲିକାଭୁକ୍ତ ବିଷୟ ଉପରେ ଆଇନପ୍ରଣୟନ କରନ୍ତି ।

(ଛ) — ଜରୁରିକାଳୀନ ପରିସ୍ଥିତି ଘୋଷଣା ସମୟରେ ଦେଶର ନାଗରିକମାନଙ୍କର ସାମ୍ବିଧାନିକ ପ୍ରତିକାର ଅଧିକାରଗୁଡ଼ିକ ସ୍ଥଗିତ ରହେ ।

(ଜ) ଭାରତୀୟ ସମ୍ବିଧାନ — ଧାରାରେ ନାଗରିକମାନଙ୍କର ସ୍ୱାଧୀନତା ସମ୍ପୃକ୍ତ ମୌଳିକ ଅଧିକାର ସମ୍ପର୍କରେ ଉଲ୍ଲେଖ ଅଛି ।

### ୧୮.୪.୨ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ନିମ୍ନ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦାବଳୀ ଲେଖନ୍ତୁ—

କ୍ଷମତା, ଏକ, ସ୍ଥଗିତ, ନୈତିକ, ପ୍ରଭୂତ, ସ୍ୱାଧୀନତା, ସାମ୍ବିଧାନିକ, ପ୍ରତିରକ୍ଷା ।

୨. ନିମ୍ନରେ କେତେଗୋଟି ଶବ୍ଦ ଦୁଇଟି ସ୍ତମ୍ଭରେ ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ପରସ୍ପର ସମ୍ପୃକ୍ତ ଶବ୍ଦଗୁଡ଼ିକୁ ବାଛନ୍ତୁ—

| | |
|---|---|
| ଅଧିକୃତ | ପ୍ରତିକାର |
| ବିହିତ | ପରିସ୍ଥିତି |
| ଜରୁରୀ | କ୍ଷମତା |
| ପ୍ରଭୂତ | ବ୍ୟବସାୟ |
| ମୌଳିକ | ରାଜ୍ୟ |

୩. ନିମ୍ନ ପଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ—

ସ୍ୱାଧୀନତା, ପ୍ରତ୍ୟର୍ପଣ, ଅତ୍ୟାଧୁନିକ, ପ୍ରଶ୍ନାବଳୀ, ବିଦ୍ୟାଳୟ, ନିର୍ଦ୍ଦେଶ ।

୪. ପଠିତାଂଶରୁ ୫ଗୋଟି ବିଶେଷ୍ୟ ପଦ ଓ ୫ ଗୋଟି ବିଶେଷଣ ପଦ ଚିହ୍ନାଇ ଦିଅନ୍ତୁ ।

୫. କେଉଁ କେଉଁ ମୂଳଶବ୍ଦ ସହିତ 'ଇକ୍' ପ୍ରତ୍ୟୟ ଯୋଗ ହେବା ଫଳରେ ନିମ୍ନ ଶବ୍ଦଗୁଡ଼ିକ ନିଷ୍ପନ୍ନ ହୋଇଅଛି ?

ପ୍ରାଦେଶିକ, ଅର୍ଥନୈତିକ, ରାଜନୈତିକ, ଆଞ୍ଚଳିକ, ନୈତିକ ।

୬. ଯେପରି 'ସତର୍କତାମୂଳକ' ସେହିପରି 'ମୂଳକ' ପଦ ସଙ୍ଗେ ଯୋଡ଼ା ଯାଇଥିବା ଅନ୍ୟ ଚାରିଗୋଟି ଉପଯୁକ୍ତ ଶବ୍ଦ ଲେଖନ୍ତୁ ।

୭. ଏକପଦରେ ପ୍ରକାଶ କରନ୍ତୁ—

ଘୋଷଣା କରେ ଯେ, ଶାସନ କରେ ଯେ, ପାଳନ କରେ ଯେ, ପରିଚାଳନା କରେ ଯେ, ନିର୍ଦ୍ଦେଶ ଦିଏ ଯେ ।

### ୧୮.୪.୩ ସମ୍ପୂର୍ଣ୍ଣ ପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

ପ୍ରଥମେ ସମ୍ପୂର୍ଣ୍ଣ ପାଠଟିକୁ ଭଲକରି ପଢ଼ନ୍ତୁ ଏବଂ ତଳରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର କରନ୍ତୁ । ପରିଶେଷରେ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତରସୂଚୀରେ ଦିଆଯାଇଥିବା ଉତ୍ତର ସଙ୍ଗେ ନିଜେ କରିଥିବା ଉତ୍ତରକୁ ମିଳାଇ ନିଅନ୍ତୁ । ଏହାଦ୍ୱାରା ଆପଣମାନେ ନିଜ ଅଧ୍ୟୟନର ପରୀକ୍ଷା

କରିପାରିବେ । ମନେରଖନ୍ତୁ, ଉତ୍ତରସୂଚୀ ପ୍ରଥମେ ଦେଖିନେଇ ପ୍ରଶ୍ନଗୁଡ଼ିକର ଉତ୍ତର କରିବେ ନାହିଁ । ତାହା ହେଲେ କେତେ ଭୁଲ୍ କରୁଛନ୍ତି, ଠିକ୍ ଜାଣିପାରିବେ ନାହିଁ ।

୧. ଉପଯୁକ୍ତ ଶବ୍ଦାବଳୀ ନିଜ ପାଠରୁ ବାଛି ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକର ଶୂନ୍ୟ-ସ୍ଥାନ ପୂରଣ କରନ୍ତୁ—

(କ) ଆମ ଦେଶରେ — ଗଣ୍ଡଗୋଳ ସୃଷ୍ଟି ହୋଇ ଜାତୀୟ ଜୀବନ ବିପର୍ଯ୍ୟସ୍ତ ହେଲେ ରାଷ୍ଟ୍ରପତି ଜରୁରିକାଳୀନ ପରିସ୍ଥିତି ଘୋଷଣା କରି ତା'ର ସୁଦୃଢ଼ ମୁକାବିଲା କରନ୍ତି ।

(ଖ) — ର — ସମ୍ବିଧାନକୁ ଅନୁସରଣ କରି ଆମ ସମ୍ବିଧାନରେ ଜରୁରିକାଳୀନ ବ୍ୟବସ୍ଥା ଖଞ୍ଜା ଯାଇଥିବାର ଅନୁମାନ କରାଯାଏ ।

(ଗ) ରାଷ୍ଟ୍ରପତି ଲିଙ୍କନ୍ ଯୁକ୍ତରାଷ୍ଟ୍ର ଆମେରିକାର — ଜନିତ ଆଭ୍ୟନ୍ତରୀଣ ଗଣ୍ଡଗୋଳକୁ ଦମନ କରିଥିଲେ ।

(ଘ) ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି — ଆମେରିକା — ର ଅନୁମୋଦନ କ୍ରମେ ଜରୁରିକାଳୀନ କ୍ଷମତା ପ୍ରୟୋଗ କରିଥିଲେ ।

(ଙ) ଆମ ଦେଶରେ ସମ୍ବିଧାନ ପ୍ରଚଳିତ ହେବା ଦିନଠାରୁ ଏପର୍ଯ୍ୟନ୍ତ — ସଙ୍କଟଜନିତ ଜରୁରି ପରିସ୍ଥିତି ଘୋଷିତ ହୋଇନାହିଁ ।

୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ପ୍ରଦାନ କରନ୍ତୁ—

(କ) ଭାରତୀୟ ସମ୍ବିଧାନର କେଉଁ ଧାରାରେ ଉଲ୍ଲେଖ ଥିବା ନାଗରିକ ସ୍ୱାଧୀନତା ସମ୍ପର୍କୀୟ ମୌଳିକ ଅଧିକାରଗୁଡ଼ିକ ଜାତୀୟ ଜରୁରିକାଳୀନ ପରିସ୍ଥିତିରେ ବାତିଲ ହୋଇଯାଏ ?

(ଖ) ୧୯୫୯ ମସିହାରେ କେଉଁଠି, କି ପ୍ରକାର ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ?

(ଗ) କେଉଁ ପରିସ୍ଥିତିରେ ରାଷ୍ଟ୍ରପତି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅର୍ଥ ବଣ୍ଟନ ବ୍ୟବସ୍ଥାରେ ହସ୍ତକ୍ଷେପ କରନ୍ତି ?

(ଘ) ବୈଦେଶିକ ଆକ୍ରମଣ ସମୟରେ ଦେଶରେ କେଉଁ ପ୍ରକାର ଜରୁରୀ ପରିସ୍ଥିତି ଘୋଷିତ ହୁଏ ଏବଂ ସମ୍ବିଧାନର କେଉଁ ଧାରା ଅନୁସରଣରେ ଏହା କରାଯାଏ ?

(ଙ) ଜରୁରିକାଳୀନ ପରିସ୍ଥିତିର ମିଆଦ ବୃଦ୍ଧି କରିବା ପାଇଁ ରାଷ୍ଟ୍ରପତି କାହାର ଅନୁମୋଦନ ଲାଭ କରିବା ଦରକାର ?

୩. ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଥିବା ଭୁଲ ସଂଶୋଧନ କରି ଠିକ୍ ଠିକ୍ ବାକ୍ୟମାନ ଲେଖନ୍ତୁ—

(କ) ଜରୁରୀ ପରିସ୍ଥିତିବେଳେ ଆୟାର୍ଲାଣ୍ଡ୍ ସମ୍ବିଧାନରେ କୌଣସି ଆଞ୍ଚ୍ ଆସେ ନାହିଁ ।

(ଖ) ଆମ ଦେଶରେ ସମ୍ବିଧାନ ପ୍ରଚଳିତ ହେବା ଦିନଠାରୁ ଇତି ମଧ୍ୟରେ ଦୁଇଥର ଅର୍ଥନୈତିକ ସଂକଟ ଜନିତ ଜରୁରୀ ପରିସ୍ଥିତି ଘୋଷିତ ହୋଇ ସାରିଲାଣି ।

(ଗ) ଜରୁରିକାଳୀନ ପରିସ୍ଥିତିରେ ମୌଳିକ ଅଧିକାର ହରାଇ ନାଗରିକମାନେ ପ୍ରତିକାର ପାଇଁ ବିଚାରାଳୟର ଆଶ୍ରୟ ନେଇପାରନ୍ତି ।

(ଘ) କେନ୍ଦ୍ର ସଂସଦର ଅନୁମୋଦନ ଜରୁରୀ ପରିସ୍ଥିତି ଘୋଷଣା ପାଇଁ ସମ୍ପୂର୍ଣ୍ଣ ଅନାବଶ୍ୟକ ।

(ଙ) ଜର୍ମାନୀ ସମ୍ବିଧାନରେ ଜରୁରିକାଳୀନ ପରିସ୍ଥିତିରେ ମୌଳିକ ଅଧିକାରଗୁଡ଼ିକରେ ହସ୍ତକ୍ଷେପ କରିବାର କ୍ଷମତା ରାଷ୍ଟ୍ରପତିଙ୍କର ନାହିଁ ।

୪. ନିମ୍ନରେ ପ୍ରଦତ୍ତ ପ୍ରତିଟି ଶବ୍ଦର ସାର୍ଥକ ବ୍ୟବହାର କରି ଗୋଟିଏ ଲେଖାଏଁ ବାକ୍ୟ ରଚନା କରନ୍ତୁ ।

ସମ୍ବିଧାନ, ରାଷ୍ଟ୍ରପତି, କ୍ଷମତା, ଜରୁରୀ, ସଂସଦ ।

୫. ନିମ୍ନରେ କେତୋଟି ପ୍ରସଙ୍ଗର ଅବତାରଣା କରାଯାଇଛି ଏବଂ ସେଗୁଡ଼ିକର ସଂପୃକ୍ତ-କାରଣ, ପୃଷ୍ଠଭୂମି ବା ପରିଣତି ସମ୍ପର୍କରେ ଏକାଧିକ ମତବାଦ ଓ ଯୁକ୍ତି ଦେଖାଇ ଦିଆଯାଇଛି । ପ୍ରତି ପ୍ରସଙ୍ଗ ପାଇଁ ଗୋଟିଏ କରି ଉପଯୁକ୍ତ ଓ ନିର୍ଭୁଲ୍ ମତବାଦ ବା ଯୁକ୍ତି ପ୍ରକାଶ କରନ୍ତୁ—

(କ) ଭାରତରେ କୌଣସି ଏକ ଅଞ୍ଚଳରେ ଆଶୁବିପ୍ଳବ ଦେଖି ଉଠିଲେ—

(୧) ରାଜ୍ୟ-ଜରୁରିକାଳୀନ ପରିସ୍ଥିତି ଜାରି ହେବାର ସମ୍ଭାବନା ଥାଏ ।

(୨) ରାଜ୍ୟ-ଜରୁରିକାଳୀନ ପରିସ୍ଥିତି ଘୋଷଣା ପାଇଁ ପଥ ଉନ୍ମୁକ୍ତ ହୋଇଯାଏ ।

(୩) ରାଜ୍ୟ ଶାସନକୁ ହଟାଇ ଦେଇ କେନ୍ଦ୍ର ସରକାର ସେହି ରାଜ୍ୟରେ ଶାସନ କାର୍ଯ୍ୟ ପରିଚାଳନା କରନ୍ତି ।

(୪) ରାଜ୍ୟପାଳ ସେହି ରାଜ୍ୟର ମନ୍ତ୍ରୀମଣ୍ଡଳକୁ ତତ୍କ୍ଷଣାତ୍ ବହିଷ୍କାର କରନ୍ତି ।

(ଖ) ୧୯୩୫ ମସିହାର ଭାରତ ଶାସନ ଆଇନକୁ ଆମ ସମ୍ବିଧାନର ମୂଳଭିତ୍ତି କୁହାଯାଇପାରେ, କାରଣ—

(୧) ତାହା ଭାରତ ପାଇଁ ବିଲାତରେ ପ୍ରଣୟନ କରାଯାଇଥିଲା ।

(୨) ପରାଧୀନ ଭାରତର ଶାସନ ପାଇଁ ସେଥିରେ ସବୁ ନୀତିନିୟମ ରହିଥିଲା ।

(୩) ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପରି ଭାରତ ଶାସନ ସମ୍ପର୍କୀୟ ବହୁ ଆଇନ ସେଥିରେ ସ୍ଥାନ ପାଇଥିଲା ।

(୪) ଇଂରେଜ ସରକାର ବିରୁଦ୍ଧରେ ଚାଲିଥିବା ଆମ ଦେଶର ଅସହଯୋଗ ଆନ୍ଦୋଳନକୁ ଆଖିରେ ରଖି ତାହା ପ୍ରଣୀତ ହୋଇଥିଲା ।

(ଗ) ରାଷ୍ଟ୍ରପତି ଇଚ୍ଛାକଲେ ଆମ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିପାରନ୍ତି, କାରଣ—

(୧) ତାଙ୍କ ହାତରେ ସେପରି କ୍ଷମତା ରହିଛି ।

(୨) ସମ୍ବିଧାନର ୩୫୨, ୩୫୬ ଓ ୩୬୦ ଧାରାରେ ବ୍ୟବସ୍ଥା ରହିଛି ।

(୩) ଦେଶରେ ବା କୌଣସି ରାଜ୍ୟରେ ସଂକଟଜନକ ପରିସ୍ଥିତି ଉପୁଜିଲେ ଏବଂ ରାଷ୍ଟ୍ରପତିଙ୍କ ସାମ୍ବିଧାନିକ କ୍ଷମତା ସେଥିପାଇଁ ଅନୁକୂଳ ହେଲେ ।

(୪) ରାଷ୍ଟ୍ରପତିଙ୍କ ସହିତ କେନ୍ଦ୍ର ସରକାରଙ୍କର ମତପାର୍ଥକ୍ୟ ଘଟିଲେ ।

୬. ନିମ୍ନରେ ଦିଆଯାଇଥିବା ବିଶେଷ୍ୟ ପଦଗୁଡ଼ିକର ବିଶେଷଣ ଏବଂ ବିଶେଷଣ ପଦଗୁଡ଼ିକର ବିଶେଷ୍ୟ ପଦ ଲେଖନ୍ତୁ—

ଜାତି, ନୂତନତା, ସଂଘୀୟ, ଆଭ୍ୟନ୍ତରୀଣ, ବିପର୍ଯ୍ୟୟ, ବାହୁଲ୍ୟ, ବିରଳ, ନିର୍ଦ୍ଦିଷ୍ଟ ।

୭. ନିମ୍ନରେ ପ୍ରଦତ୍ତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦମାନ ଲେଖନ୍ତୁ—

ସମ୍ଭବ, ଆଇନ୍, ଅଧିକାର, ବିଶୃଙ୍ଖଳା, ବାସ୍ତବ, ଜୀବନ, ପ୍ରୟୋଗ, ଆବଶ୍ୟକ, ସୃଷ୍ଟି, ପ୍ରଥମ ।

୮. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପଦର ବ୍ୟାସବାକ୍ୟ ଲେଖି ସମାସ ଚିହ୍ନାଇ ଦିଅନ୍ତୁ—

ରାଜ୍ୟତାଲିକା, ବିଶୃଙ୍ଖଳା, କେନ୍ଦ୍ରସରକାର, ରାଜ୍ୟପାଳ, ଯୁକ୍ତରାଷ୍ଟ୍ର, ଉପରାଷ୍ଟ୍ରପତି, ଅପ୍ରତ୍ୟାଶିତ, ଦୁର୍ଭିକ୍ଷ ।

୯. ବାଚ୍ୟ ପରିବର୍ତ୍ତନ କରି ଲେଖନ୍ତୁ—

(କ) ଆମ ଦେଶର ସମ୍ବିଧାନରେ ଜରୁରିକାଳୀନ ପରିସ୍ଥିତି ବିଷୟରେ ବର୍ଣ୍ଣିତ ହୋଇଅଛି ।

(ଖ) ରାଷ୍ଟ୍ରପତି ଜରୁରୀ ପରିସ୍ଥିତି ଅନୁଭବ କଲେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରନ୍ତି ।

(ଗ) ସଂସଦ ଦ୍ୱାରା ଦେଶର ଶାସନ ପାଇଁ ଆଇନ୍ ପ୍ରଣୀତ ହୁଏ ।

(ଘ) ରାଷ୍ଟ୍ରପତିଙ୍କ ହାତରେ ସମ୍ବିଧାନ ବହୁ କ୍ଷମତା ଅର୍ପଣ କରିଅଛି ।

(ଙ) ଦୁଇଟି ପ୍ରତିନିଧି ସଭା ଦ୍ୱାରା କେନ୍ଦ୍ର ସଂସଦ ଗଠିତ ହୋଇଅଛି ।

୧୦. (କ) 'ଇକ' ପ୍ରତ୍ୟୟ ଯୁକ୍ତହୋଇ ଯେପରି ବୈଧାନିକ, ଦୈନିକ ଓ ନୈତିକ ଆଦି ଗଠିତ ହୋଇଅଛି, ସେହିପରି 'ଇକ' ପ୍ରତ୍ୟୟ ଯୁକ୍ତ ୪ଗୋଟି ଶବ୍ଦ ନିଜ ମନରୁ ଲେଖନ୍ତୁ—

(ଖ) ନିମ୍ନରେ କେତେଗୋଟି ବହୁବଚନର ଚିହ୍ନ ଦିଆଯାଇଛି। ସେଗୁଡ଼ିକୁ ପ୍ରୟୋଗ କରି ୫ ଗୋଟି ନିର୍ଭୁଲ ଶବ୍ଦ ଲେଖନ୍ତୁ—

ସମୂହ, ମାନେ, ଗୁଡ଼ିକ, ସବୁ, ଆବଳୀ ।

# ୧୮.୫ ସାରାଂଶ

ଭାରତର **ରାଷ୍ଟ୍ର**ପତି ଦେଶ ଶାସନର ସର୍ବୋଚ୍ଚ କର୍ତ୍ତା । ତାଙ୍କ ନାମରେ କେନ୍ଦ୍ର ମନ୍ତ୍ରୀମଣ୍ଡଳ ଦ୍ୱାରା ଭାରତର ଶାସନଧାରା ପରିଚାଳିତ ହୁଏ । ଭାରତୀୟ ସମ୍ବିଧାନ ତାଙ୍କୁ ବହୁବିଧ କ୍ଷମତାର ଅଧିକାରୀ ରୂପେ ସାବ୍ୟସ୍ତ କରିଅଛି । ସେଗୁଡିକ ମଧ୍ୟରେ ତାଙ୍କର ଜରୁରିକାଳୀନ କ୍ଷମତା ଅନ୍ୟତମ ପ୍ରଧାନ କ୍ଷମତା । ସେହି କ୍ଷମତା ବଳରେ ସେ ଦେଶରେ ଅପ୍ରତ୍ୟାଶିତ ଭାବେ ଉପୁଜୁଥିବା ବିଭିନ୍ନ ସଂକଟର ସୁଦୃଢ଼ ମୁକାବିଲା କରି ସେଗୁଡିକର ସୁରୁରୁ ସମାଧାନ କରନ୍ତି । ଫଳରେ ଦେଶ ତାର ସ୍ୱାଭାବିକ, ସଂଯତ, ଶୃଙ୍ଖଳିତ ଓ ସ୍ୱଚ୍ଛନ୍ଦ ଅବସ୍ଥାକୁ ଫେରିଆସେ ।

ଦେଶରେ ଦୁର୍ଭିକ୍ଷ, ବନ୍ୟା, ଯୁଦ୍ଧ, ମୂଲ୍ୟବୃଦ୍ଧି ଏବଂ ସାଂପ୍ରଦାୟିକ ଗଣ୍ଡଗୋଳ ବା **ରାଷ୍ଟ୍ର**ବିପ୍ଳବ ଆଦି ଦେଖାଦେଲେ **ରାଷ୍ଟ୍ର**ପତି ତାଙ୍କର ଜରୁରିକାଳୀନ କ୍ଷମତା ଜାରି କରନ୍ତି । ପୃଥିବୀର ବିଭିନ୍ନ ଦେଶରେ ଅନୁରୂପ ବ୍ୟବସ୍ଥା ରହିଛି । ଭାରତୀୟ ସମ୍ବିଧାନର ୩୫୨, ୩୫୬ ଓ ୩୬୦ ଧାରାରେ **ରାଷ୍ଟ୍ର**ପତିଙ୍କ ଜରୁରି-କାଳୀନ କ୍ଷମତା ସମ୍ପର୍କରେ ଉଲ୍ଲେଖ ରହିଛି ଏବଂ ତଦନୁଯାୟୀ **ରାଷ୍ଟ୍ର**ପତି ତିନି ପ୍ରକାର ରୀତିରେ ଜରୁରି-କାଳୀନ ପରିସ୍ଥିତି ଘୋଷଣା କରନ୍ତି । ସେହି ତିନିଗୋଟି ଜରୁରିକାଳୀନ ପରିସ୍ଥିତି ମଧ୍ୟରୁ ପ୍ରଥମଟି ଜାତୀୟ ଜରୁରିକାଳୀନ ପରିସ୍ଥିତି, ଦ୍ୱିତୀୟଟି ରାଜ୍ୟ-ଜରୁରିକାଳୀନ ପରିସ୍ଥିତି ଏବଂ ତୃତୀୟଟି ଅର୍ଥନୈତିକ ଜରୁରିକାଳୀନ ପରିସ୍ଥିତି ।

ସମ୍ବିଧାନର ୩୫୨ ଧାରା ଅନୁସାରେ ଯଦି **ରାଷ୍ଟ୍ର**ପତି ଅନୁଭବ କରନ୍ତି ଯେ ଯୁଦ୍ଧ, ବହିରାକ୍ରମଣ କିମ୍ବା ଆଭ୍ୟନ୍ତରୀଣ ଅଶାନ୍ତି ବିଶୃଙ୍ଖଳାଜନିତ ପରିସ୍ଥିତି ଯୋଗୁ ସମଗ୍ର ଭାରତବର୍ଷ କିମ୍ବା ଏହାର କୌଣସି ଅଂଶର ନିରାପତ୍ତା ବିପନ୍ନ ହୋଇଛି, ତେବେ ସେ ଦେଶରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିପାରନ୍ତି । ଦେଶରେ ପ୍ରକୃତରେ ଜରୁରି ପରିସ୍ଥିତି ନଥିଲେ ମଧ୍ୟ **ରାଷ୍ଟ୍ର**ପତି ଯଦି ଅନୁଭବ କରନ୍ତି ତେବେ ସେ କେନ୍ଦ୍ର ସଂସଦର ଅନୁମୋଦନ ଲାଭ କରିବା ପୂର୍ବରୁ ଏପରି ଜରୁରି ପରିସ୍ଥିତି ଘୋଷଣା କରିଦେଇ ପାରନ୍ତି । ସାଧାରଣତଃ ଥରେ ଜରୁରି ପରିସ୍ଥିତି ଘୋଷଣା କରାଗଲେ ତାହା ଦୁଇମାସ ପର୍ଯ୍ୟନ୍ତ ବଳବତ୍ତର ରହେ । **ରାଷ୍ଟ୍ର**ପତି ଚାହିଁଲେ ଦୁଇମାସ ପୂର୍ବରୁ ଜରୁରି ପରିସ୍ଥିତି ଉଠାଇ ଦେଇପାରିବେ ବା ତା'ର ସମୟସୀମା ଅଧିକ ବଢ଼ାଇ ଦେଇପାରିବେ । ଏପରି କ୍ଷେତ୍ରରେ କେନ୍ଦ୍ର ସଂସଦର ଉଭୟ ଗୃହର ଅନୁମୋଦନ ଅପରିହାର୍ଯ୍ୟ । ଥରେ ସଂସଦର ଅନୁମୋଦନ ଲାଭକଲେ ସେହି ଜରୁରିକାଳୀନ ଆଇନ ଅନିର୍ଦ୍ଦିଷ୍ଟ କାଳପାଇଁ ବଳବତ୍ତର ରହିପାରେ । କେବଳ **ରାଷ୍ଟ୍ର**ପତି ହିଁ ତାହାକୁ ନିଜ ଇଚ୍ଛାନୁଯାୟୀ ପ୍ରତ୍ୟା-ହାର କରିନେଇପାରନ୍ତି । ଲୋକସଭାର ବୈଠକ ନଥିବାବେଳେ ରାଜ୍ୟସଭା ଦ୍ୱାରା ତାହା ଅନୁମୋଦନ ଲାଭ କରିପାରେ, କିନ୍ତୁ ନୂତନ ଲୋକସଭାର ବୈଠକ ବସିବାର ତିରିଶ ଦିନ ପରେ ସେହି ଘୋଷଣା ସମ୍ପୂର୍ଣ୍ଣ ବାତିଲ ହୋଇଯାଏ । ଆମ ଦେଶରେ ପ୍ରଥମେ ୧୯୬୨ ମସିହା ଅକ୍ଟୋବର ୨୬ ତାରିଖରେ ଜାତୀୟ ଜରୁରିକାଳୀନ ପରିସ୍ଥିତି **ରାଷ୍ଟ୍ର**ପତି ଘୋଷଣା କରିଥିଲେ ଚୀନର ଆମ ଦେଶ ଉପରେ ଆକ୍ରମଣ ଫଳରେ । ସେହି ପରିସ୍ଥିତି ଦୀର୍ଘ ସାତ ବର୍ଷ ବଳବତ୍ତର ରହି ୧୯୬୯ ମସିହା ଜାନୁଆରୀ ମାସରେ ପ୍ରତ୍ୟାହୃତ ହୋଇଥିଲା । ପରେ ଦ୍ୱିତୀୟ ଥର ପାଇଁ ପାକିସ୍ଥାନର ଭାରତ ଉପରେ ଆକ୍ରମଣ ଫଳରେ ୧୯୭୧ ମସିହା ଡିସେମ୍ବର ମାସରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା । ସେହିପରି ୧୯୭୫ ମସିହା ଜୁନ ମାସ ୨୬ ତାରିଖରେ ତୃତୀୟ ଥର ପାଇଁ **ରାଷ୍ଟ୍ର**ପତି ଭାରତର ଆଭ୍ୟନ୍ତରୀଣ ଗଣ୍ଡ-ଗୋଳ ଓ ଜାତୀୟ ନିରାପତ୍ତା ବ୍ୟାହତ ହେବାର ଆଶଙ୍କା କରି ଜାତୀୟ ଜରୁରିକାଳୀନ ପରିସ୍ଥିତି ଜାରି କରିଥିଲେ ।

ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷିତ ହେଲେ, ସଂଘୀୟ **ରାଷ୍ଟ୍ର**ଭାରତ ଏକକ **ରାଷ୍ଟ୍ର**ରେ ପରିଣତ ହୋଇଯାଏ । ରାଜ୍ୟ ସରକାରଗୁଡିକ ସେମାନଙ୍କ ଆଞ୍ଚଳିକ ସ୍ୱାଧୀନତା ହରାଇବସନ୍ତି । କେନ୍ଦ୍ର ସଂସଦ ପ୍ରାଦେଶିକ ତାଲିକାଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ କରନ୍ତି । ଏହି ସମୟରେ କେନ୍ଦ୍ର ସରକାର କାର୍ଯ୍ୟପାଳିକା ସଂସ୍ଥାକୁ କାର୍ଯ୍ୟ କରିବାଲାଗି ନିର୍ଦ୍ଦେଶ ଦିଅନ୍ତି । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅର୍ଥ ବିତରଣ ବ୍ୟବସ୍ଥା ଉପରେ **ରାଷ୍ଟ୍ର**ପତି ହସ୍ତକ୍ଷେପ କରନ୍ତି । ସମ୍ବିଧାନର ୧୯ ଧାରା ବର୍ଣ୍ଣିତ ସ୍ୱାଧୀନତା ସମ୍ପୃକ୍ତ ନାଗରିକମାନଙ୍କର ମୌଳିକ ଅଧିକାର ଏବଂ ୩୨ ଧାରାରେ ଲିପିବଦ୍ଧ ସାମ୍ବିଧାନିକ ପ୍ରତିକାର ଅଧିକାରଗୁଡିକ **ରାଷ୍ଟ୍ର**ପତିଙ୍କ ଆଦେଶକ୍ରମେ ବାତିଲ ହୋଇଯାଏ ।

ଜାତୀୟ ଜରୁରି ପରିସ୍ଥିତି ବ୍ୟତିତ ରାଜ୍ୟ ଜରୁରି ପରିସ୍ଥିତି ମଧ୍ୟ ଆମ ଦେଶରେ ଏକାଧିକ ଥର ବିଭିନ୍ନ ରାଜ୍ୟରେ ଘୋଷିତ ହୋଇଅଛି । ସେପରି ପରିସ୍ଥିତିବେଳେ ମଧ୍ୟ ଅନେକ ସାମ୍ବିଧାନିକ ନୀତି-ନିୟମ ବେଶ୍ କଡ଼ାକଡ଼ି ଭାବେ ଅନୁସୃତ ହୋଇଥାଏ । ଏସବୁ ସତ୍ତ୍ୱେ ଆମ ଦେଶରେ ଆର୍ଥନୀତିକ ଜରୁରିକାଳୀନ ପରିସ୍ଥିତି ଘୋଷଣାର ଅବସର ଆଜିପର୍ଯ୍ୟନ୍ତ କେବେହେଲେ ଆସିନାହିଁ ।

# ୧୮.୬ ଶବ୍ଦାର୍ଥ

## ପାଠଗତ ସୂଚନା

**କଠିନ ଶବ୍ଦାର୍ଥ :**

ଅପ୍ରତ୍ୟାଶିତ—ଆକସ୍ମିକ

ଦୁର୍ବିପାକ—ଦୁର୍ଘଟଣା ।

ସାମ୍ପ୍ରଦାୟିକ—ଦଳଗତ, ଗୋଷ୍ଠୀଗତ ବା ଜାତିଗତ

ବିପର୍ଯ୍ୟସ୍ତ—ବିଭ୍ରାଟ, ଓଲଟପାଲଟ

ମୁକାବିଲା—ସମ୍ମୁଖୀନ ହେବା, ସାମନା କରିବା

ସଜାଗ—ଜାଗ୍ରତ୍, ତତ୍ପର

ସମ୍ବିଧାନ—ରାଷ୍ଟ୍ରଶାସନବିଧାନ ଦଲିଲ, ରାଷ୍ଟ୍ରର ଶାସନଖସଡ଼ା

ଜରୁରି—ବିଶେଷ ଦରକାରୀ, ଅତ୍ୟାବଶ୍ୟକ, ବିଶେଷ ଗୁରୁତ୍ୱପୂର୍ଣ୍ଣ

ପ୍ରକାଶ୍ୟ—ପ୍ରତ୍ୟକ୍ଷ, ଖୋଲାଖୋଲି ।

ଦୃଢ଼ହସ୍ତରେ—କଠିନ ଭାବରେ

ଦୃଷ୍ଟାନ୍ତ—ଉଦାହରଣ

ଆଭ୍ୟନ୍ତରୀଣ—ଭିତିରି, ଅନ୍ତର୍ବର୍ତ୍ତୀ

ପରିସର—ସୀମା, ବିସ୍ତୃତି

ଦମନ—ଚପେଇଦେବା, ବନ୍ଦ କରିଦେବା

ଅନୁମୋଦନ—ସ୍ୱୀକୃତି, ସମର୍ଥନ

ବିଶୃଙ୍ଖଳା—ଗଣ୍ଡଗୋଳ

ତଦନୁରୂପ—ସେହିପ୍ରକାର

ପ୍ରଣୟନ—ରଚନା, ସୃଷ୍ଟି

ପ୍ରଣେତା—ନିର୍ମାତା, ରଚୟିତା ସର୍ଜନାକାରୀ

ବହିରାକ୍ରମଣ—ବାହାରୁ ଆକ୍ରମଣ

ବିଶୃଙ୍ଖଳା—ଗୋଳମାଳିଆ ଅବସ୍ଥା, ଗଣ୍ଡଗୋଳିଆ ଅବସ୍ଥା

ନିରାପତ୍ତା—ବିପଦଶୂନ୍ୟ ଅବସ୍ଥା, ବିପଦ ବିହୀନତା

ବିପନ୍ନ—ବିପଦାପନ୍ନ, ବିପଦଗ୍ରସ୍ତ

ଉପୁଜିବା—ସୃଷ୍ଟିହେବା

ସଂସଦ—ପ୍ରତିନିଧି ସଂସ୍ଥା ବା ସଭା, ଏଠାରେ ପାର୍ଲ୍ୟାମେଣ୍ଟର ଉଭୟ ସଦନ

ବଳବତ୍ତର— ଶକ୍ତିଶାଳୀ

ଲୋକସଭା—ଭାରତୀୟ ନାଗରିକମାନଙ୍କ ଦ୍ୱାରା ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ପାର୍ଲିଆମେଣ୍ଟର ଅନ୍ୟତମ ସଦନ

ରାଜ୍ୟସଭା—ପରୋକ୍ଷ ଭାବେ ନିର୍ବାଚିତ ସଭ୍ୟମାନଙ୍କ ଦ୍ୱାରା ଗଠିତ ପାର୍ଲ୍ୟାମେଣ୍ଟର ଦ୍ୱିତୀୟ ସଦନ

ବ୍ୟାହତ—ବାଧାପ୍ରାପ୍ତ

ପ୍ରତ୍ୟାହୃତ—ଉଠାଇନେବା, କାଢ଼ିନେବା

ସଂଘୀୟ—ସଂଘଯୁକ୍ତ ବା ଦଳୀୟ, ଏକାଧିକ ରାଜ୍ୟ ବା ରାଷ୍ଟ୍ର

ଆଞ୍ଚ—ବାଧା

ଲିପିବଦ୍ଧ—ଲିଖିତ

ସ୍ଥଗିତ—ବନ୍ଦ, ଅକାମୀ

ରୂପରେଖ—ସ୍ୱରୂପ

ଅବକାଶ—ଅବସର

ସାର୍ବଭୌମ—ଅଖଣ୍ଡ ଆଧିପତ୍ୟ

କର୍ଣ୍ଣଧାର—ନାବିକ, ନିର୍ଦ୍ଧାରକ, ନିୟନ୍ତ୍ରଣକାରୀ

ପ୍ରଭୂତ—ପ୍ରଚୁର, ବହୁଳ

ଅତିରଞ୍ଜିତ—ବାହୁଲ୍ୟ, ଅଧିକ ବର୍ଣ୍ଣିତ, ଅଯଥାରେ କଥିତ, ଅବାନ୍ତର

* ଏଚ୍. ଭି. କାମାଥ୍—ଶ୍ରୀଯୁକ୍ତ ହରି ବିଷ୍ଣୁ କାମାଥ୍ ଥିଲେ ଆମ ଦେଶର ଅନ୍ୟତମ ସ୍ୱନାମଧନ୍ୟ ପ୍ରଜା ସମାଜବାଦୀ ନେତା । କେନ୍ଦ୍ର ସଂସଦର ଜନୈକ ଶକ୍ତିଶାଳୀ ସଦସ୍ୟ ରୂପେ ସେକାଳର ଭାରତୀୟ ରାଜନୀତିରେ ତାଙ୍କର ଅବଦାନ ଥିଲା ଉଲ୍ଲେଖଯୋଗ୍ୟ ।

## ୧୮.୨ ପଠନ ଅଭ୍ୟାସ

୧. ନିମ୍ନରେ କେତୋଟି ବାକ୍ୟ ଆପଣଙ୍କ ପାଠରୁ ଉଦ୍ଧାର କରାଯିବା ବେଳେ ସେ ସବୁଥିରେ ଭୁଲ ରହିଯାଇଛି । ଆବଶ୍ୟକ ସଂଶୋଧନ କରି ନିର୍ଭୁଲ ବାକ୍ୟମାନ ଲେଖନ୍ତୁ ।

ପ୍ରଥମେ ଗୋଟିଏ ଉଦାହରଣ ଦେଖନ୍ତୁ—

ଜରୁରିକାଳୀନ ପରିସ୍ଥିତି ଘୋଷଣା କଲାବେଳେ ରାଷ୍ଟ୍ରପତିଙ୍କୁ କୌଣସି ବିଧିବିଧାନର ଆଶ୍ରୟ ନେବାକୁ ପଡେ ନାହିଁ ।

ଏହି ବାକ୍ୟଟି ସମ୍ପୂର୍ଣ୍ଣ ଭୁଲ । ଠିକ୍ ବାକ୍ୟଟି ନିମ୍ନରୂପେ ହେବ—

ସମ୍ବିଧାନରେ ଉଲ୍ଲିଖିତ ଜରୁରୀ କ୍ଷମତା ସମ୍ପର୍କୀୟ ୩୫୨, ୩୫୬ ଓ ୩୬୦ ଧାରାର ବିଧି-ବିଧାନକୁ ଅନୁସରଣ କରି ରାଷ୍ଟ୍ରପତି ଆବଶ୍ୟକ ଜରୁରିକାଳୀନ ପରିସ୍ଥିତି ଜାରିକରନ୍ତି ।

ବର୍ତ୍ତମାନ ଆପଣମାନେ ନିମ୍ନ ବାକ୍ୟାବଳୀର ସଂଶୋଧନକରି ଠିକ୍ ବାକ୍ୟମାନ ଲେଖନ୍ତୁ—

(କ) ଜରୁରୀ ପରିସ୍ଥିତି କାଳରେ ଆୟାରଲାଣ୍ଡରେ ସମ୍ବିଧାନରେ କୌଣସି ଆଞ୍ଚ୍ ଆସେ ନାହିଁ ।

(ଖ) ଆମ ଦେଶରେ ସମ୍ବିଧାନ ପ୍ରଚଳିତ ହେବା ଦିନଠାରୁ ଇତିମଧ୍ୟରେ ଦୁଇଥର ଅର୍ଥନୈତିକ ସଙ୍କଟ ଜନିତ ଜରୁରୀ ପରିସ୍ଥିତି ଘୋଷିତ ହୋଇଅଛି ।

(ଗ) ଜରୁରିକାଳୀନ ପରିସ୍ଥିତିରେ ମୌଳିକ ଅଧିକାର ହରାଇଲେ ନାଗରିକମାନେ ପ୍ରତି-କାର ପାଇଁ ବିଚାରାଳୟର ଆଶ୍ରୟ ନିଅନ୍ତି ।

(ଘ) ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଲିଙ୍କନ୍ ଆମେରିକା କଂଗ୍ରେସର ବିନାଅନୁମୋଦନରେ ଜରୁରିକାଳୀନ କ୍ଷମତା ପ୍ରୟୋଗ କରିଥିଲେ ।

(୨) ନିମ୍ନରେ ପ୍ରଦତ୍ତ ଶବ୍ଦଗୁଡ଼ିକର ପ୍ରକୃତ ଅର୍ଥ ଲେଖନ୍ତୁ—

ସମ୍ବିଧାନ, କ୍ଷମତା, ସଂସଦ, ଆଭ୍ୟନ୍ତରୀଣ, ପ୍ରଣୟନ, ବିପନ୍ନ, ଦୁର୍ବିପାକ ।

(୩) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଓ ସାର୍ଥକ ବାକ୍ୟ ରଚନା କରନ୍ତୁ—

ସାମ୍ପ୍ରଦାୟିକ, ରୂପରେଖ, ଅର୍ଥନୈତିକ, ଘୋଷଣା, ଅନୁମୋଦନ, ପରିସ୍ଥିତି, ସଂକଟ ।

(୪) ଆପଣମାନଙ୍କ ପାଠରେ ବ୍ୟବହୃତ ବିଭିନ୍ନ ଶବ୍ଦର ଅର୍ଥ ସୂଚାଉଥିବା କେତେକ ଶବ୍ଦ ନିମ୍ନରେ ଲେଖାଯାଇଛି । ଆପଣମାନେ ମୂଳପାଠରୁ ସେହି ମୂଳ ଶବ୍ଦଗୁଡ଼ିକୁ ବାଛି ଚିହ୍ନାଇ ଦିଅନ୍ତୁ—

ବିଶେଷ ଗୁରୁତ୍ୱପୂର୍ଣ୍ଣ, ଜାତି ବା ଗୋଷ୍ଠୀଗତ, ଆକସ୍ମିକ, ବିଭ୍ରାଟ, ପ୍ରଚୁର, ଉଦାହରଣ, ରାଷ୍ଟ୍ରର ଶାସନ ଖସଡ଼ା ।

(୫) ମୂଳପାଠ ପ୍ରତି ଧ୍ୟାନ ଦେଇ ନିମ୍ନ ବାକ୍ୟଗୁଡ଼ିକରେ ଯେଉଁ ଓଲଟପାଲଟ ହୋଇଅଛି, ତାହାର ଉପଯୁକ୍ତ ସଂଶୋଧନ କରି ନିର୍ଭୁଲ ବାକ୍ୟମାନ ଲେଖନ୍ତୁ—

(କ) ସମ୍ବିଧାନରେ କ୍ଷମତା ରାଷ୍ଟ୍ରପତିଙ୍କର ରହିଛି ମୁକାବିଲା ଜରୁରୀ କରିବା ପାଇଁ ପରିସ୍ଥିତିର ।

(ଖ) କରିବା ପାଇଁ ଆଇନ୍‌ର ବ୍ୟବସ୍ଥା କରାଯାଇଛି ନିୟନ୍ତ୍ରଣ ସମ୍ବିଧାନରେ ପ୍ରାୟ ବିଶ୍ୱର ଜରୁରୀ ପରିସ୍ଥିତିକୁ ସମସ୍ତ ରାଷ୍ଟ୍ରର ।

(ଗ) ପରିସ୍ଥିତି ଘୋଷଣା ଉତ୍ତରପ୍ରଦେଶରେ ରାଜ୍ୟ ଜରୁରିକାଳୀନ କରାଯାଇଥିଲା ୧୯୬୮ ମସିହାରେ ।

(ଘ) ପରିସ୍ଥିତିରେ ରୂପରେଖ ଜରୁରିକାଳୀନ ସମ୍ବିଧାନର ଭାରତୀୟ ବଦଳିଯାଏ ।

(ଙ) ଶାଖା ସଂସଦର ଦୁଇଟି ଭାରତୀୟ କେନ୍ଦ୍ର ।

**୧୮.୬ର ଉତ୍ତର ସୂଚନା**

(୧) ଦୁଇଟିର ଉତ୍ତର କରି ଦିଆଯାଉଛି । ଅବଶିଷ୍ଟ ବାକ୍ୟଗୁଡ଼ିକର ସଂଶୋଧନ ପାଠ ସଙ୍ଗେ ମିଳାଇ ନିଜେ କରନ୍ତୁ ।

(କ) ଆୟାର୍‌ଲାଣ୍ଡ୍‌ରେ ସାମ୍ବିଧାନିକ ପରମ୍ପରା କ୍ରମେ ସଂସଦ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ଉଦ୍ଦେଶ୍ୟରେ ସମ୍ବିଧାନକୁ ସ୍ଥଗିତ ରଖିପାରନ୍ତି ।

(ଖ) ଆମ ଦେଶରେ ସମ୍ବିଧାନ ପ୍ରଚଳିତ ହେବା ଦିନଠାରୁ ଇତି ମଧ୍ୟରେ ଆଦୌ ଅର୍ଥନୈତିକ ସଂକଟଜନିତ ଜରୁରୀ ପରିସ୍ଥିତି ଘୋଷିତ ହୋଇ ନାହିଁ ।

(୨) ୧୮.୬ ଶବ୍ଦାର୍ଥରୁ ପ୍ରତ୍ୟେକ ଶବ୍ଦର ଉତ୍ତର ପାଇପାରିବେ ।

(୩) ସାଂପ୍ରଦାୟିକ—ସାଂପ୍ରଦାୟିକ ଗଣ୍ଡଗୋଳ ଦେଶର ଜାତୀୟ ସଂହତିରେ ପ୍ରତିବନ୍ଧକ ସୃଷ୍ଟିକରେ ।

ରୂପରେଖ—ଯୋଜନା କାଳର ଯଥେଷ୍ଟ ପୂର୍ବରୁ ଯୋଜନାର ସାମୂହିକ ରୂପରେଖ ପ୍ରସ୍ତୁତ ହୋଇ ସାରିଥାଏ ।

ଅର୍ଥନୈତିକ—ଅର୍ଥନୈତିକ ଦୁର୍ଗତି ଦେଶର ବିକାଶକୁ ପଣ୍ଡକରେ ।

ଘୋଷଣା—ପରୀକ୍ଷା ଫଳ ଘୋଷଣା ପୂର୍ବରୁ ପରୀକ୍ଷାର୍ଥୀମାନେ ବିବ୍ରତ ଅବସ୍ଥାରେ ଥାଆନ୍ତି ।

ଅନ୍ୟଗୁଡ଼ିକୁ ଆପଣମାନେ କରନ୍ତୁ । ପ୍ରଥମେ ପାଠରେ ସେହି ଶବ୍ଦ କିପରି ବ୍ୟବହୃତ ହୋଇଛି, ଭଲ କରି ପଢ଼ି ନିଅନ୍ତୁ ।

(୪) ୧୮.୬ ଶବ୍ଦାର୍ଥର ସାହାଯ୍ୟ ନିଅନ୍ତୁ ।

(୫) (କ) ଜରୁରୀ ପରିସ୍ଥିତିର ମୁକାବିଲା କରିବା ପାଇଁ ସମ୍ବିଧାନରେ ରାଷ୍ଟ୍ରପତିଙ୍କର କ୍ଷମତା ରହିଛି ।

(ଏହିପରି ପାଠ ସଙ୍ଗେ ମିଳାଇ ନିଜେ ନିଜେ କରନ୍ତୁ)

# ୧୮.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

**୧୮.୨.୧ ର ଉତ୍ତର**

(୧) ରାଷ୍ଟ୍ରପତି ଆମଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରନ୍ତି ।

(୨) ଦେଶରେ ଦୁର୍ଭିକ୍ଷ, ବନ୍ୟା, ଯୁଦ୍ଧ, ମୂଲ୍ୟବୃଦ୍ଧି ଏବଂ ସାମ୍ପ୍ରଦାୟିକ ଗଣ୍ଡଗୋଳ ଆଦି ସମୟେ ସମୟେ ସୃଷ୍ଟି ହେଲେ, ସେପରି ପରିସ୍ଥିତିର ଦୃଢ଼ ମୁକାବିଲା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଜରୁରିକାଳୀନ ପରିସ୍ଥିତି ଘୋଷଣା କରନ୍ତି ।

(୩) ଆମଦେଶର ସମ୍ବିଧାନରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ସମ୍ପର୍କୀୟ ନୀତି ନିୟମମାନ ଲିପିବଦ୍ଧ ରହିଛି ।

(୪) ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରେ ଜରୁରୀ ପରିସ୍ଥିତି ମୁକାବିଲା କରିବା ପାଇଁ ପ୍ରତ୍ୟକ୍ଷ ନିୟମାବଳୀର ଉଲ୍ଲେଖ ନାହିଁ ।

(୫) ସେଠାରେ ରାଷ୍ଟ୍ରପତି ଦୃଢ଼ ହସ୍ତରେ ସେପରି ସମସ୍ୟାର ସମାଧାନ କରନ୍ତି ।

(୬) ସେତେବେଳେ ରାଷ୍ଟ୍ରପତି ଲିଙ୍କନ୍ ଯୁକ୍ତରାଷ୍ଟ୍ର ଆମେରିକାର ଗୃହଯୁଦ୍ଧକୁ ଦମନ କରିଥିଲେ ।

(୭) ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ରାଷ୍ଟ୍ରପତି ଉଇଲ୍‌ସନ୍ ଜରୁରିକାଳୀନ କ୍ଷମତା ପ୍ରୟୋଗ କରିଥିଲେ ।

(୮) ରାଷ୍ଟ୍ରପତି ଉଇଲ୍‌ସନ୍ ଆମେରିକା କଂଗ୍ରେସର ଅନୁମୋଦନକ୍ରମେ ତତ୍କାଳୀନ ଅବସ୍ଥାରେ ଆମେରିକାରେ ଜରୁରିକାଳୀନ କ୍ଷମତା ପ୍ରୟୋଗ କରିଥିଲେ ।

(୯) ଆମେରିକାରେ ରାଜ୍ୟ ସରକାରଗୁଡ଼ିକୁ ବୈଦେଶିକ ଆକ୍ରମଣରୁ ରକ୍ଷା କରିବାର ଦାୟିତ୍ୱ କେନ୍ଦ୍ର ସରକାରଙ୍କର ।

**୧୮.୨.୨ର ଉତ୍ତର**

(୧) ପ୍ରତି+ଏକ, ଦୁଃ+ବିପାକ, ସର୍ବ+ଉପରି, ଦୁଃ+ଭିକ୍ଷା, ସମସ୍ୟା+ଆବଳୀ, ଅତି+ଉକ୍ତି, ଅନ୍ୟ+ଅନ୍ୟ ।

(୨) ସମ୍ପ୍ରଦାୟ+ଇକ, ସ୍ୱଭାବ+ଇକ, ବିଦେଶ+ଇକ, ମୂଳ+ଇକ, ସମ୍ବିଧାନ+ଇକ ।

(୩) ରାଷ୍ଟ୍ରପତିମାନେ, ରାଜ୍ୟସରକାରମାନେ, ରାଜ୍ୟସରକାରଗୁଡିକୁ, ଅଧିକାରଗୁଡ଼ିକୁ, ବ୍ୟବସ୍ଥା-ଗୁଡିକର, ରାଜ୍ୟସରକାରଗୁଡିକର ।

(୪) (କ) ଶାନ୍ତି, କ୍ଷୟ ବା ହ୍ରାସ, ଅସ୍ୱାଭାବିକ, ଅପ୍ରକାଶ୍ୟ ବା ଗୋପନ, ବାହ୍ୟ, ସାଧାରଣ, ପ୍ରଚୁର ।

(ଖ) ଜୀବନ, ଦୁର୍ବିପାକ, ବିପର୍ଯ୍ୟସ୍ତ, ସ୍ୱାଭାବିକ, ଆଭ୍ୟନ୍ତରୀଣ, ସମ୍ବିଧାନ, ବୈଦେଶିକ, ପରିସର, କଂଗ୍ରେସ, ଅନୁସରଣ ।

(୫) ଅପ୍ରତ୍ୟାଶିତ, ସାମ୍ବିଧାନିକ, ସ୍ୱାଭାବିକ, ପ୍ରଣେତା ବା ପ୍ରଣୟନକାରୀ, ଦୁର୍ଭିକ୍ଷ, ଲିପିବଦ୍ଧ, ମୌଳିକ, ଅତ୍ୟୁକ୍ତି ।

**୧୮.୩.୧ ର ଉତ୍ତର**

(୧) (କ) ସମ୍ବିଧାନର ୩୫୨ ଧାରା ଅନୁସରଣରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୁଏ ।

(ଖ) ଆମ ଦେଶରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିବାର କ୍ଷମତା ରାଷ୍ଟ୍ରପତିଙ୍କ ହାତରେ ରହିଛି ।

(ଗ) ଗୋଟିଏ ଥର ଜରୁରିକାଳୀନ ପରିସ୍ଥିତି ଘୋଷିତ ହେବାପରେ କେନ୍ଦ୍ର ସଂସଦର ଅନୁମୋଦନ ଲାଭ କରି ନଥିଲେ, ତାହା ଦୁଇମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୁଏ । ରାଷ୍ଟ୍ରପତି ଚାହିଁଲେ ମଧ୍ୟ ସେହି ସମୟ ସୀମାକୁ କମାଇ ପାରନ୍ତି ବା ବଢ଼ାଇପାରନ୍ତି।

ଭିନ୍ନ ପକ୍ଷରେ କେନ୍ଦ୍ର ସଂସଦ ଦ୍ୱାରା ଅନୁମୋଦିତ ହେବାପରେ ଘୋଷିତ ଜରୁରିକାଳୀନ ପରିସ୍ଥିତି ଅନିର୍ଦ୍ଦିଷ୍ଟ କାଳ ପାଇଁ ବଳବତ୍ତର ରହିପାରେ ।

(ଘ) କେନ୍ଦ୍ର ସଂସଦର ଅନୁମୋଦନ ପୂର୍ବରୁ ରାଷ୍ଟ୍ରପତି ଚାହିଁଲେ ଜରୁରିକାଳୀନ ପରିସ୍ଥିତି ଘୋଷଣା ସମ୍ପର୍କିତ ସମୟ ସୀମାକୁ ବୃଦ୍ଧି ବା ହ୍ରାସ କରିପାରନ୍ତି ।

(ଙ) ସମୟସୀମା ବୃଦ୍ଧି ବା ହ୍ରାସ କରିବା କ୍ଷମତା କେନ୍ଦ୍ର ସଂସଦ ଅନୁମୋଦନ ପୂର୍ବରୁ ରାଷ୍ଟ୍ରପତି ପ୍ରୟୋଗ କରିପାରନ୍ତି ।

ସେଥିପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ରାଷ୍ଟ୍ରପତିଙ୍କୁ କେନ୍ଦ୍ର ସଂସଦର ଉଭୟ ଗୃହର ଅନୁମୋଦନ ଲୋଡ଼ିବାକୁ ପଡ଼େ ।

(ଚ) ୧୯୬୨ ମସିହା ଅକ୍‌ଟୋବର ୨୬ ତାରିଖରେ ଆମ ଦେଶରେ ପ୍ରଥମଥର ପାଇଁ ଜାତୀୟ ଜରୁରିକାଳୀନ ପରିସ୍ଥିତି ଜାରି ହୋଇଥିଲା ।

(ଛ) ୧୯୭୫ ମସିହା ଜୁନ୍ ମାସରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଜାରି କରାଯାଇ-ଥିଲା ଏବଂ ଦେଶର ଆଭ୍ୟନ୍ତରୀଣ ଗଣ୍ଡଗୋଳ କାରଣରୁ ଜାତୀୟ ନିରାପତ୍ତା ବ୍ୟାହତ ହେବା ଆଶଙ୍କାରେ ଏପରି ଜରୁରି ପରିସ୍ଥିତି ଘୋଷଣା କରାଯାଇଥିଲା ।

(ଜ) ଭାରତ ଇତିହାସରେ ଦ୍ୱିତୀୟଥର ପାଇଁ ୧୯୭୧ ମସିହା ଡିସେମ୍ବର ମାସରେ ପାକିସ୍ତାନର ଭାରତ ଉପରେ ଆକ୍ରମଣ କାରଣରୁ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ।

୨. (କ) ଅକ୍‌ଟୋବର, ୨୬, (ଖ) ୭, ୧୯୬୯, ଜାନୁଆରୀ, (ଗ) ପାକିସ୍ତାନ, (ଘ) ନିରାପତ୍ତା, (ଙ) ସଂସଦ, (ଚ) ତିନି, (ଛ) ୩୫୨ ।

୩. (କ) 'ପ୍ରଧାନମନ୍ତ୍ରୀ' ସ୍ଥାନରେ 'ରାଷ୍ଟ୍ରପତି' ହେବ ।

(ଖ) କେନ୍ଦ୍ର ସଂସଦର ଅନୁମୋଦନ ପୂର୍ବରୁ ବି ରାଷ୍ଟ୍ରପତି ଚାହିଁଲେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିପାରନ୍ତି ।

(ଗ) '୩୬୦ ଧାରାରେ' ସ୍ଥାନରେ '୩୫୨ ଧାରା' କରନ୍ତୁ ।

(ଘ) ଆଭ୍ୟନ୍ତରୀଣ ଗଣ୍ଡଗୋଳ କାରଣରୁ ଜାତୀୟ ନିରାପତ୍ତା ବିପନ୍ନ ହେବାକୁ ଯାଉଥିବା ଯୁକ୍ତି ଦର୍ଶାଇ ୧୯୭୫ ମସିହା ଜୁନ୍ ମାସରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା ।

(ଙ) କେବଳ '୫ ପ୍ରକାରର' ସ୍ଥାନରେ '୩ ପ୍ରକାରର' କରନ୍ତୁ ।

(ଚ) କେବଳ '୩ ବର୍ଷ ପର୍ଯ୍ୟନ୍ତ' ପରିବର୍ତ୍ତେ 'ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ' କରିଦିଅନ୍ତୁ ।

(ଛ) ଜରୁରିକାଳୀନ ପରିସ୍ଥିତି ଘୋଷଣା ପାଇଁ କେନ୍ଦ୍ର ମନ୍ତ୍ରୀମଣ୍ଡଳର ପରାମର୍ଶ ଅନାବଶ୍ୟକ ।

**୧୮.୩.୨ର ଉତ୍ତର**

୧. ସମ୍, ବି, ପରି, ସମ୍, ଆ ।

୨. ବହିଃ+ଆକ୍ରମଣ, ଇଚ୍ଛା+ଅନୁସାରେ, ପ୍ରତି+ଆହୂତ, ପୁନଃ+ଚ, ପୁନଃ+ବାର, ତତ୍+ଦ୍ୱାରା, ଜାତି+ଇୟ ।

୩. ଲୋକପ୍ରତିନିଧିମାନଙ୍କର ସଭା—ଷଷ୍ଠୀ ତତ୍ପୁରୁଷ ।

ନୁହେଁ ନିର୍ଦ୍ଦିଷ୍ଟ—ନଞ୍ ତତ୍ପୁରୁଷ ।

ସ୍ୱାଧୀନତା ପାଇଁ ସଂଗ୍ରାମ—୪ର୍ଥୀ ତତ୍ପୁରୁଷ ।

ଜରୁରିକାଳୀନ ପରିସ୍ଥିତି—ଜରୁରୀ ପରିସ୍ଥିତି ।

ନାହିଁ ଶାନ୍ତି—ନଞ୍ ତତ୍ପୁରୁଷ

ରାଷ୍ଟ୍ରର ପତି—ଷଷ୍ଠୀ ତତ୍ପୁରୁଷ ।

୪. ନିରାପଦ, ସାମ୍ବିଧାନିକ, ସଂସଦୀୟ, ସ୍ୱାଧୀନ, ଆଂଶିକ ।

୫. (କ) ତାଙ୍କ ଦ୍ୱାରା ଦେଶରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇପାରିବ ।

(ଖ) ରାଜ୍ୟସଭା ଦ୍ୱାରା ଅନୁମୋଦିତ ହୋଇପାରେ ।

(ଗ) ଭାରତ ପାକିସ୍ତାନ ଦ୍ୱାରା ଆକ୍ରମିତ ହୋଇଥିଲା ।

**୧୮.୪.୧ର ଉତ୍ତର**

୧. (କ) ଜରୁରିକାଳୀନ ପରିସ୍ଥିତି ଘୋଷିତ ହେଲେ ରାଜ୍ୟ ସରକାରଗୁଡ଼ିକର ଆଞ୍ଚଳିକ ସ୍ୱାଧୀନତା କ୍ଷୁଣ୍ଣହୁଏ । କେନ୍ଦ୍ର ସଂସଦ ପ୍ରାଦେଶିକ ତାଲିକାଭୁକ୍ତ ବିଷୟ ଉପରେ ଆଇନ୍ ପ୍ରଣୟନ କରନ୍ତି ।

(ଖ) ଜରୁରିକାଳୀନ ପରିସ୍ଥିତି ଘୋଷଣା ଫଳରେ ଭାରତୀୟ ସମ୍ବିଧାନର ୧୯ ଧାରା ଓ ୩୨ ଧାରା ବାତିଲ ହୋଇଯାଏ ।

(ଗ) ଏପରି ପରିସ୍ଥିତିରେ ସମ୍ବିଧାନର ୧୯ ଧାରାରେ ବର୍ଣ୍ଣିତ ନାଗରିକମାନଙ୍କର ସ୍ୱାଧୀନତା ସମ୍ପୃକ୍ତ ମୌଳିକ ଅଧିକାର ବାତିଲ ହୋଇଯାଏ ।

(ଘ) ୧୯୫୯ ଓ ୧୯୬୮ ମସିହାରେ ରାଜ୍ୟ-ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ।

(ଙ) ସମ୍ବିଧାନ କାର୍ଯ୍ୟକାରୀ ହେବା ଦିନଠାରୁ ଏପର୍ଯ୍ୟନ୍ତ କେବେ ହେଲେ ଆମ ଦେଶରେ ଅର୍ଥନୈତିକ ସଙ୍କଟଜନିତ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇନାହିଁ ।

(ଚ) ଜରୁରିକାଳୀନ ପରିସ୍ଥିତିରେ ପ୍ରାଦେଶିକ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଆଇନ୍ ପ୍ରଣୟନର ଦାୟିତ୍ୱ କେନ୍ଦ୍ର ସଂସଦ ଉପରେ ନ୍ୟସ୍ତ ରହେ ।

(ଛ) ୧୯୫୯ ମସିହାରେ କେରଳରେ, ୧୯୬୮ ମସିହାରେ ପଶ୍ଚିମବଙ୍ଗରେ ଏବଂ ଉତ୍ତର-ପ୍ରଦେଶରେ ରାଜ୍ୟ ବା ପ୍ରାଦେଶିକ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ।

(ଜ) ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିବା ବେଳେ କାର୍ଯ୍ୟପାଳିକା ସଂସ୍ଥାକୁ ଶାସନ ପରିଚାଳନା ସମ୍ପର୍କୀୟ ନିର୍ଦ୍ଦେଶ ଦେବା ଦାୟିତ୍ୱ କେନ୍ଦ୍ର ସରକାରଙ୍କର ।

୨. (କ) ରାଷ୍ଟ୍ରପତି, (ଖ) ରାଜ୍ୟ, (ଗ) ଆଭ୍ୟନ୍ତରୀଣ, (ଘ) ୧୯୫୯, ରାଜ୍ୟ, (ଙ) ରାଷ୍ଟ୍ରପତି, ଅର୍ଥନୈତିକ, (ଚ) ରାଜ୍ୟ ବା ପ୍ରାଦେଶିକ, (ଛ) ଜାତୀୟ, (ଜ) ୧୯ ।

## ୧୮.୪.୨ର ଉତ୍ତର

୧ ଅକ୍ଷମତା, ଅନେକ, କାର୍ଯ୍ୟକାରୀ, ଅନୈତିକ, ସ୍ୱଳ୍ପ, ପରାଧୀନତା, ଅସାମ୍ବିଧାନିକ, ଆକ୍ରମଣ ।

୨. ଅଧିକୃତ-ରାଜ୍ୟ; ବିହିତ-ପ୍ରତିକାର; ଜରୁରୀ-ପରିସ୍ଥିତି; ପ୍ରଭୂତ-କ୍ଷମତା; ବୌଳିକ-ବ୍ୟବସାୟ

୩. ସ୍ୱ+ଅଧୀନତା; ପ୍ରତି+ଅର୍ପଣ; ଅତି+ଆଧୁନିକ; ପ୍ରଶ୍ନ+ଆବଳୀ; ବିଦ୍ୟା+ଆଳୟ; ନିଃ+ଦେଶ ।

୪. ବିଶେଷ୍ୟ ପଦ—

ରାଷ୍ଟ୍ରପତି, ସମ୍ବିଧାନ, ସଂସଦ, ସ୍ୱାଧୀନତା, ପରିସ୍ଥିତି ।

ବିଶେଷଣ ପଦ—

ଜରୁରୀ, ସ୍ୱାଧୀନ, ସତର୍କ, ଆଞ୍ଚଳିକ, ପ୍ରାଦେଶିକ ।

୫. ପ୍ରଦେଶ+ଇକ; ଅର୍ଥନୀତି+ଇକ; ରାଜନୀତି+ଇକ; ଅଞ୍ଚଳ+ଇକ; ନୀତି+ଇକ ।

୬. ବାଧ୍ୟତାମୂଳକ, ଯୋଗ୍ୟତାମୂଳକ, ଧର୍ମମୂଳକ, ନୀତିମୂଳକ, ପ୍ରସଙ୍ଗମୂଳକ ।

୭. ଘୋଷକ ବା ଘୋଷଣାକାରୀ, ଶାସକ ବା ଶାସନକର୍ତ୍ତା ବା ଶାସନକାରୀ, ପାଳକ ବା ପାଳନକର୍ତ୍ତା ବା ପାଳନକାରୀ, ପରିଚାଳକ ବା ପରିଚାଳନାକାରୀ, ନିର୍ଦ୍ଦେଶକ ।

## ୧୮.୪.୩ର ଉତ୍ତର

୧. (କ) ସାମ୍ପ୍ରଦାୟିକ, (ଖ) ଜର୍ମାନୀ ଓ ୱେମାର୍, (ଗ) ଗୃହଯୁଦ୍ଧ, (ଘ) ଉଇଲସନ୍ ଓ କଂଗ୍ରେସ, (ଙ) ଆର୍ଥନୀତିକ ।

୨. (କ) ଭାରତୀୟ ସମ୍ବିଧାନର ୧୯ ଧାରାରେ ଉଲ୍ଲେଖଥିବା ନାଗରିକ ସ୍ୱାଧୀନତା ସମ୍ପର୍କୀୟ ମୌଳିକ ଅଧିକାରଗୁଡ଼ିକ ଜାତୀୟ ଜରୁରିକାଳୀନ ପରିସ୍ଥିତିରେ ବାତିଲ ହୋଇଯାଏ ।

(ଖ) ୧୯୫୯ ମସିହାରେ କେରଳରେ ରାଜ୍ୟଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ।

(ଗ) ଯେତେବେଳେ ରାଷ୍ଟ୍ରପତି ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରନ୍ତି, ସେତେବେଳେ ସେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅର୍ଥବଣ୍ଟନ ବ୍ୟବସ୍ଥାରେ ହସ୍ତକ୍ଷେପ କରନ୍ତି ।

(ଘ) ବୈଦେଶିକ ଆକ୍ରମଣ ସମୟରେ ଦେଶରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ସମ୍ବିଧାନର ୩୫୨ ଧାରା ପ୍ରୟୋଗରେ ଘୋଷଣା କରାଯାଏ ।

(ଙ) ଜରୁରିକାଳୀନ ପରିସ୍ଥିତିର ମିଆଦ ବୃଦ୍ଧି କରିବା ପାଇଁ ରାଷ୍ଟ୍ରପତି ସଂସଦର ଉଭୟ ଗୃହର ଅନୁମୋଦନ ଲାଭ କରିବା ଦରକାର ।

୩. (କ) ଜରୁରି ପରିସ୍ଥିତି ବେଳେ ଆୟାରଲାଣ୍ଡର ସମ୍ବିଧାନକୁ ସଂସଦ ସ୍ଥଗିତ ରଖିପାରେ ।

(ଖ) ଆମ ଦେଶରେ ସମ୍ବିଧାନ ପ୍ରଚଳିତ ହେବା ଦିନଠାରୁ ଇତିମଧ୍ୟରେ ଆଦୌ ଅର୍ଥନୈତିକ ସଂକଟଜନିତ ଜରୁରି ପରିସ୍ଥିତି ଘୋଷିତ ହୋଇନାହିଁ ।

(ଗ) ଜରୁରିକାଳୀନ ପରିସ୍ଥିତିରେ ମୌଳିକ ଅଧିକାର ହରାଇ ନାଗରିକମାନେ ପ୍ରତିକାର ପାଇଁ ବିଚାରାଳୟର ଆଶ୍ରୟ ନେଇପାରନ୍ତି ନାହିଁ ।

(ଘ) ଜରୁରୀ ପରିସ୍ଥିତି ଘୋଷଣା ପାଇଁ କେନ୍ଦ୍ର ସଂସଦର ଅନୁମୋଦନ ଅନେକ କ୍ଷେତ୍ରରେ ଆବଶ୍ୟକ ।

(ଙ) ଜର୍ମାନୀ ସମ୍ବିଧାନରେ ଜରୁରିକାଳୀନ ପରିସ୍ଥିତିରେ ରାଷ୍ଟ୍ରପତିଙ୍କର ମୌଳିକ ଅଧିକାରଗୁଡ଼ିକରେ ହସ୍ତକ୍ଷେପ କରିବାର କ୍ଷମତା ରହିଛି ।

୪. ସମ୍ବିଧାନ—ଦେଶର ଶାସନ ପାଇଁ ସମ୍ବିଧାନର ଭୂମିକା ଅପରିହାର୍ଯ୍ୟ ।

ରାଷ୍ଟ୍ରପତି—ଆମ ଦେଶରେ ରାଷ୍ଟ୍ରପତି ପରୋକ୍ଷ ନିର୍ବାଚନରେ ନିର୍ବାଚିତ ହୁଅନ୍ତି ।

କ୍ଷମତା—ଅନେକ ସମୟରେ ଅତ୍ୟଧିକ କ୍ଷମତା ମନୁଷ୍ୟକୁ ଅନୈତିକ କର୍ମରେ ଲିପ୍ତ-କରେ ।

ଜରୁରି—ଜରୁରି ତାରବାର୍ତ୍ତା ପ୍ରେରଣ ପାଇଁ ଅଧିକ ମାଶୁଲ୍ ଦେବାକୁ ପଡ଼େ ।

ସଂସଦ—ଛାତ୍ର ସଂସଦ ନିର୍ବାଚନରେ ରାଜନୈତିକ ହସ୍ତକ୍ଷେପ ଏକ ଗର୍ହିତ ଘଟଣା ।

୫. (କ) ୨, (ଖ) ୩, (ଗ) ୩ ।

୬. ଜାତୀୟ, ନୂତନ, ସଙ୍ଘ, ଅଭ୍ୟନ୍ତର ବିପର୍ଯ୍ୟସ୍ତ, ବହୁଳ, ବିରଳତା, ନିର୍ଦ୍ଦିଷ୍ଟତା ।

୭. ଅସମ୍ଭବ, ବେଆଇନ, ଅନଧିକାର, ଶୃଙ୍ଖଳା, ଅବାସ୍ତବ, ମୃତ୍ୟୁ, ଅପପ୍ରୟୋଗ, ଅନାବଶ୍ୟକ, ବିଳୟ, ଶେଷ ।

୮. ରାଜ୍ୟର ତାଲିକା—ଷଷ୍ଠୀ ତତ୍ପୁରୁଷ

ନାହିଁ ଶୃଙ୍ଖଳା—ନଞ୍ ତତ୍ପୁରୁଷ

କେନ୍ଦ୍ରର ସରକାର—ଷଷ୍ଠୀ ତତ୍ପୁରୁଷ

ରାଜ୍ୟକୁ ପାଳନ୍ତି ଯେ—ଉପପଦ ତତ୍ପୁରୁଷ

ଅନେକ ରାଷ୍ଟ୍ରର ସମାହାର—ସମାହାର ଦ୍ୱିଗୁ

ରାଷ୍ଟ୍ରପତି ସ୍ତରର ପରବର୍ତ୍ତୀ—ଅବ୍ୟୟୀଭାବ

ନୁହେଁ ପ୍ରତ୍ୟାଶିତ—ନଞ୍ ତତ୍ପୁରୁଷ

ଭିକ୍ଷାର ଅଭାବ—ଅବ୍ୟୟୀଭାବ ।

୯. (କ) ଆମ ଦେଶର ସମ୍ବିଧାନ ଜରୁରିକାଳୀନ ପରିସ୍ଥିତି ବିଷୟରେ ବର୍ଣ୍ଣନା କରିଅଛି ।

(ଖ) ଜରୁରୀ ପରିସ୍ଥିତି ଅନୁଭୂତ ହେଲେ ରାଷ୍ଟ୍ରପତିଙ୍କ ଦ୍ୱାରା ଆବଶ୍ୟକ ବ୍ୟବସ୍ଥା ଗୃହୀତ ହୁଏ ।

(ଗ) ସଂସଦ ଦେଶର ଶାସନ ପାଇଁ ଆଇନ ପ୍ରଣୟନ କରେ ।

(ଘ) ସମ୍ବିଧାନ ଦ୍ୱାରା ରାଷ୍ଟ୍ରପତିଙ୍କ ହାତରେ ବହୁ କ୍ଷମତା ଅର୍ପିତ ହୋଇଅଛି ।

(ଙ) ଦୁଇଟି ପ୍ରତିନିଧି ସଭା କେନ୍ଦ୍ର ସଂସଦ ଗଠନ କରିଛନ୍ତି ।

୧୦. (କ) ଶାରୀରିକ, ବାଣିଜ୍ୟିକ, ସାଙ୍ଗଠନିକ, ଦୈନିକ, ବାର୍ଷିକ ।

(ଖ) ପ୍ରତିନିଧିସମୂହ, ଛାତ୍ରସମୂହ, ସୈନ୍ୟମାନେ, ଫଳଗୁଡ଼ିକ, ବହିସବୁ, ପତ୍ରାବଳୀ ।

## ୧୮.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ପ୍ରତି ପ୍ରଶ୍ନର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ପ୍ରଦାନ କରନ୍ତୁ—

(କ) ସାଧାରଣତଃ ବିଭିନ୍ନ ରାଷ୍ଟ୍ରରେ ଜରୁରିକାଳୀନ ପରିସ୍ଥିତିର ସମ୍ମୁଖୀନ ହେବାଲାଗି ସମ୍ବିଧାନ କାହା ହାତରେ କ୍ଷମତା ଅର୍ପଣ କରିବାର ଦେଖାଯାଏ ?

(ଖ) କାନାଡ଼ାର ସମ୍ବିଧାନରେ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ କି ପ୍ରକାର ବ୍ୟବସ୍ଥା ରହିଛି ?

(ଗ) ଏଚ୍. ଭି. କାମାଥ୍ କିଏ ? ସେ ଜରୁରି ପରିସ୍ଥିତି ସମ୍ପର୍କରେ କେଉଁ ମତ ଦେଇ-ଥିଲେ ?

(ଘ) ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାରେ କେଉଁ କେଉଁ ରାଷ୍ଟ୍ରପତି ଜରୁରିକାଳୀନ କ୍ଷମତା ପ୍ରୟୋଗ କରିଥିଲେ ?

(ଙ) ଭାରତର ବର୍ତ୍ତମାନ ରାଷ୍ଟ୍ରପତି କିଏ ?

୨. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦର ଅର୍ଥ ଲେଖି ସାର୍ଥକ ବାକ୍ୟ ରଚନା କରନ୍ତୁ— **ଭାରତର ରାଷ୍ଟ୍ରପତି ଏବଂ ଜରୁରିକାଳୀନ କ୍ଷମତା**

ସମସ୍ୟା, ପ୍ରଣେତା, କଲ୍ୟାଣ, ବ୍ୟାହତ, ଅବକାଶ ।

୩. ନିମ୍ନ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦମାନ ଲେଖନ୍ତୁ—

ଗଣ, ନାସ୍ତିକ, ସଭ୍ୟ, ଦୁର୍ନୀତି, ସ୍ୱତନ୍ତ୍ରତା ।

୪. ନିମ୍ନ ପଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସ ଚିହ୍ନାଇ ଦିଅନ୍ତୁ—

ରୌପ୍ୟପଦକ, ପାଠ୍ୟପୁସ୍ତକ, ରାଜ୍ୟମନ୍ତ୍ରୀ, ଉପମନ୍ତ୍ରୀ, ପୂର୍ଣ୍ଣଚନ୍ଦ୍ର ।

୫. ଏକପଦରେ ପ୍ରକାଶ କରନ୍ତୁ—

ଯାହା ଗ୍ରହଣ କରାଯାଇଛି, ଯାହା ପରମ୍ପରାଗତ, ଯାହା ଅନୁମୋଦନ କରାଯାଇଛି, ସୁଖରେ ଯାହା ଉପଭୋଗ କରାଯାଏ, ସମୁଦ୍ରରୁ ଜାତ, କୃତ୍ତିକା ନକ୍ଷତ୍ରଯୁକ୍ତମାସ ।

୬. ପାଞ୍ଚଗୋଟି ର 'ଇକ' ପ୍ରତ୍ୟୟ ଯୋଗକରି ନୂତନ ପଦ ସୃଷ୍ଟି କରନ୍ତୁ ।

୭. ନିମ୍ନଲିଖିତ ପଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ—

ଗୌରବୋଜ୍ଜ୍ୱଳ, ସଂଶୋଧନ, ଗବାକ୍ଷ, ଧନୁର୍ବାଣ, ହିମାଳୟ ।

୮. ନିମ୍ନ ପଦଗୁଡ଼ିକର ସନ୍ଧି କରନ୍ତୁ—

ଚିତା+ଅନଳ, ଯଥା+ଇଷ୍ଟ, ଦୁଃ+ଯୋଗ, ଦୁଃ+ବିପାକ, ସୁ+ଉକ୍ତି ।